# ଥମୁନି ସମ୍ବଲପୁର ବିଜେପି କନ୍ଦଳ

**ସମ୍ବଲପୁର, ୨୯।୧(ସମିସ)**

ସମ୍ବଲପୁର ଜିଲ୍ଲା ବିଜେପି ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଇସ୍ତଫା ଦେବା ପରେ ବିଜେପିର କନ୍ଦଳ ପଦାରେ ପଡ଼ିବା ସହ ଜିଲ୍ଲାର ନେତା ଓ ପ୍ରଭାରୀ

**ଅନ୍ନପୂର୍ଣ୍ଣାଙ୍କୁ ମନେଇବାରେ ହାଇକମାଣ୍ଡ ବିଫଳ**

ଚିନ୍ତାରେ ପଡ଼ିଯାଇଥିଲେ। ଦୀର୍ଘ ୪ ଦିନ ତଳୁ କୁହୁକୁହୁ ନିଆଁ ରବିବାର ଉଗ୍ରରୂପ ନେଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୋମବାର ସକାଳେ ହାଇକମାଣ୍ଡଙ୍କଠାରୁ ଜିଲ୍ଲା ନେତାଙ୍କୁ ମିଳିଥିଲା ସତର୍କବାଣୀ। ଦିଲ୍ଲୀ ଦରବାର ଓ ରାଜ୍ୟ ସ୍ତରର ନେତାମାନେ ଜିଲ୍ଲା ନେତୃବୃନ୍ଦଙ୍କୁ ତୁହାକୁତୁହା ଫୋନ କରି ଅନ୍ନପୂର୍ଣ୍ଣାଙ୍କୁ ଯେ କୌଣସି ଉପାୟରେ ମନେଇବାକୁ କଡା ତାଗିଦ କରିଥିଲେ। ଫଳରେ ଅନ୍ନପୂର୍ଣ୍ଣାଙ୍କ ଘରେ ପହଞ୍ଚି ଯାଇଥିଲେ ଜିଲ୍ଲାସ୍ତରର ଆଗ ଧାଡିର ନେତା। ଘଣ୍ଟା ଘଣ୍ଟା ଧରି ମାନସ ମନ୍ଥନ କରିଥିଲେ। ଇସ୍ତଫା ପତ୍ର ପ୍ରତ୍ୟାହାର କରିବା ପାଇଁ କାକୁତି ମିନତି ବି ହୋଇଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଛି, ଏ ସମୟରେ ଦଳ ଛାଡିଦେଲେ ଦଳର ମାନସମ୍ମାନ ପ୍ରତି ଆଞ୍ଚ ଆସିବ ବୋଲି ତାଙ୍କୁ ବୁଝାଇଥିଲେ। ଏପରିକି ଗଣମାଧ୍ୟମ ଆଗରେ ତାଙ୍କୁ ପ୍ରତିକ୍ରିୟା ଦେବାକୁ କହିଥିଲେ। ଶେଷରେ ମଧ୍ୟାହ୍ନ ୧୨ଟାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ସେଠାରେ ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲ, ଅନିଲ ବେହେରା, ସୀମାଞ୍ଚଳ ଖଟେଇ, ସଞ୍ଜୟ ଷଡଙ୍ଗୀ, ସମୀର ବାବୁ, ଅଶ୍ୱିନୀ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ସଭାପତି ଶ୍ରୀ ପଟେଲ କହିଥିଲେ ଯେ ଗତକାଲି ଅନ୍ନପୂର୍ଣ୍ଣା ଇସ୍ତଫା ଦେଇଥିଲେ। ତାଙ୍କ ସହିତ ଏକ ଘଣ୍ଟାଏ ନେଇ ସେ ଏହି ନିଷ୍ପତି ନେଇଥିଲେ। ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇ ନାହିଁ ଆଗାମୀ ଦିନରେ ଦଳ ପାଇଁ ସେ କାମ କରିବେ ବୋଲି କହିଥିଲେ। ହେଲେ ଅନ୍ନପୂର୍ଣ୍ଣା କହିଥିଲେ ଯେ ମୋ ଉପରେ ଦିଲ୍ଲୀଠାରୁ ରାଜ୍ୟ ଓ ଜିଲ୍ଲାସ୍ତରର ନେତାମାନେ ମୋ ଉପରେ ଭରସା କରୁଛନ୍ତି। ୪ ଥର ସଭାନେତ୍ରୀ ରହି କାମ କରୁଛି। ଆଗକୁ ନିର୍ବାଚନ ରହିଛି ସେଥିପାଇଁ କାମ କରିବି ବୋଲି ସେ କହିଥିଲେ। ସେ ଆହୁରି କହିଛନ୍ତି ଯେ ସେ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ତାଙ୍କୁ ଅସମ୍ମାନ କରାଯାଇଛି ତେଣୁ ଦଳର କୌଣସି ପଦ ପଦବୀରେ ରହିବି ନାହିଁ। ମୋ ସହିତ ଏବେ ଅନେକ ନେତା, ନେତ୍ରୀ ଯୋଡି ହେଉଛନ୍ତି ବୋଲି ଅନ୍ନପୂର୍ଣ୍ଣା କହିଥିଲେ। ପଦରେ ତ ରହିଲେ ନାହିଁ ଓଲଟି ଅନ୍ନପୂର୍ଣ୍ଣାଙ୍କୁ ମନାଇବାରେ ନେତା ବିଫଳ ହେଲେ ବୋଲି ଚର୍ଚ୍ଚା ଜୋର ଧରିଛି। ସୂଚନା ଯେ ସମ୍ବଲପୁର ଜିଲ୍ଲା ବିଜେପିରେ ଗତକାଲି ଘଟିଥିଲା ଅସନ୍ତୋଷର ବିସ୍ଫୋରଣ। ପୂର୍ବରୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ନିଜ କାର୍ଯ୍ୟ ପାଇଁ ଦଳରେ ବିଭ୍ରାନ୍ତି ମଞ୍ଜି ପୋତିଥିବାବେଳେ ଏବେ ତାଙ୍କ ଝିଅ ଶୁଭଶ୍ରୀ ବିବାଦ ମଧ୍ୟକୁ ଟାଣି ହୋଇ ଯାଇଛନ୍ତି। ଶୁଭଶ୍ରୀଙ୍କ ବିଜେପିରେ ଯୋଗଦାନର ଦୁଇଦିନ ମଧ୍ୟରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଇସ୍ତଫା ଦେଇଥିଲେ। ସେ ନିଜ ଇସ୍ତଫାପତ୍ର ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ପାଖକୁ ପଠାଇ ଦେଇଥିଲେ। ଇସ୍ତଫା ପଛର କାରଣ ଜୟନାରାୟଣ ମିଶ୍ରଙ୍କ ଝିଅ ଶୁଭଶ୍ରୀଙ୍କ ବ୍ୟବହାର ବୋଲି ଗଣମାଧ୍ୟମ ଆଗରେ କହିଥିଲେ। ଶୁଭଶ୍ରୀ ଓ ତାଙ୍କ ମାଆଙ୍କ ବ୍ୟବହାରରେ ସେ ଅତିଷ୍ଠ ହୋଇ ପଦବୀ ଛାଡ଼ିଥିବା ଅନ୍ନପୂର୍ଣ୍ଣା ପ୍ରକାଶ କରିଥିଲେ।




## ଧର୍ମେନ୍ଦ୍ରଙ୍କ ଇସାରାରେ ସମ୍ବଲପୁରରେ ହାଇଡ୍ରାମା

**ସମ୍ବଲପୁର, ୨୯।୧(ସମିସ):** ଜୟନାରାୟଣ ମିଶ୍ରଙ୍କ ପତ୍ନୀ ଓ ମହିଳା ମୋର୍ଚ୍ଚା ସଭାପତିଙ୍କ ମଧ୍ୟରେ ବିବାଦ 'କାଲି ଇସ୍ତଫା, ଆଜି ସବୁର ସମାଧାନ' ଜୟଙ୍କୁ ଭୟଭୀତ କରିବା ପାଇଁ ଦୁଇଦିନ ଧରି ଚାଲିଥିଲା ହାଇଡ୍ରାମା। ବିଜେପି ରାଜ୍ୟ ସଭାପତିଙ୍କୁ ଜିଲ୍ଲା ବିଜେପି ସଭାପତି ଉପେକ୍ଷା କରିବାର ଦୁଇଦିନ ଯାଇନି ଏପଟେ ପୁଣି ବିଜେପିରେ ନୂଆ ବିବାଦ ଆରମ୍ଭ ହେଲାଣି। ବିରୋଧିଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଝିଅ ବୁଲାବୁଲି ଆରମ୍ଭ କରିବା ପରେ ଦଳ ଭିତରେ ହାଇଡ୍ରାମା ଦେଖିବାକୁ ମିଳିଛି। ଏହି ହାଇଡ୍ରାମା ଦୁଇଦିନ ଧରି ଚାଲିଥିବାବେଳେ ଆଜି ତାହାର ସମାଧାନ ହୋଇଛି। ଜୟଙ୍କ ଝିଅ ଶୁଭଶ୍ରୀ ମିଶ୍ର ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାବୁଲି କରିବା ପରେ ତାଙ୍କ ସହ ବୁଲାବୁଲି କରିବାରେ ରୋକଟୋକ ମନା କରିଛନ୍ତି ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ। ଏହାଛଡ଼ା ସେ କାଳିକା ଛୁଆ ବୋଲି କହିବା ସହ ଏନେଇ ଗଣମାଧ୍ୟମରେ ମଧ ବିବୃତ୍ତି ରଖିଥିଲେ। ସେ ନିଜର ଇସ୍ତଫାପତ୍ର ଜିଲ୍ଲା ସଭାପତି ଓ ରାଜ୍ୟ ସଭାପତିଙ୍କୁ ପ୍ରେରଣ ମଧ କରିଥିଲେ। ତେବେ ବିବୃତ୍ତି ରଖିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ୟୁଟର୍ଣ୍ଣ ମାରିଛନ୍ତି ଅନ୍ନପୂର୍ଣ୍ଣା। ସେ କହିଛନ୍ତି ସବୁର ସମାଧାନ ହୋଇଯାଇଛି। ତେବେ ଜୟଙ୍କୁ ଭୟଭୀତ କରାଇବା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସାରାରେ ଅନ୍ନପୂର୍ଣ୍ଣା ଏସବୁ କରୁଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଜୟ କିମ୍ବା ତାଙ୍କ ପରିବାରରୁ କାହାକୁ ବି ପ୍ରାର୍ଥୀ କରା ନ ଯାଉ ବୋଲି ଧର୍ମେନ୍ଦ୍ର ଚାହୁଁଥିବା ବେଳେ ବିଧାୟକ ହେବା ପାଇଁ ଗିରୀଶ ପଟେଲ ଗୋଡ ଟେକି ବସିଛନ୍ତି। ଫଳରେ ଅନ୍ନପୂର୍ଣ୍ଣାଙ୍କ ଜରିଆରେ ଗିରୀଶ ଓ ଧର୍ମେନ୍ଦ୍ର ଉଭୟେ ଜୟଙ୍କୁ ବିରୋଧ କରାଇବାରେ ଚେଷ୍ଟା କରିଥିବା କୁହାଯାଉଛି। ଜୟ ମିଶ୍ରଙ୍କ ଝିଅ ଶୁଭଶ୍ରୀ ସାଙ୍ଗରେ ସବୁବେଳେ ପାଖେ ପାଖେ ରୁହନ୍ତୁ ଓ ତାକୁ ଦେଖିଲେ ଅନ୍ନପୂର୍ଣ୍ଣା ନମସ୍କାର କରନ୍ତୁ ଜୟଙ୍କ ସ୍ତ୍ରୀ କୁଆଡେ ଅନ୍ନପୂର୍ଣ୍ଣାଙ୍କୁ କହିଥିଲେ। ଏକଥା ଅନ୍ନପୂର୍ଣ୍ଣାଙ୍କୁ ବେଶ୍ ବାଧିଥିଲା ବୋଲି ସେ ଇସ୍ତଫା ଦେଇଥିବା କହିଥିଲେ। ହେଲେ ଆଜି ଗିରୀଶଙ୍କ ସାଙ୍ଗରେ ଆସି ପ୍ରେସ ମିଟ୍ କରି ସବୁ ସମାଧାନ ହୋଇଥିବା ଅନ୍ନପୂର୍ଣ୍ଣା କହିଛନ୍ତି। ଫଳରେ ଏହା ଜୟଙ୍କୁ ଭୟଭୀତ କରିବା ପାଇଁ ଏକ ଟ୍ରେଲର ଥିଲା ବୋଲି ଦଳୀୟ କର୍ମୀ କହୁଛନ୍ତି।

## ଗୋବିନ୍ଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରେଢ଼ାଖୋଲ, ୨୯।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ସରପାଲ ଗ୍ରାମରେ ରାଧାକୃଷ୍ଣ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ଗୋବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚରେ ବଂଶାଜାଲ ପଞ୍ଚାୟତ କ୍ରିକେଟ ଦଳ ସହିତ ଲିପିଣ୍ଡା ପଞ୍ଚାୟତ କ୍ରିକେଟ ଦଳ ଅନୁଷ୍ଠିତ ମ୍ୟାଚରେ ବଂଶାଜାଲ କ୍ରିକେଟ ଦଳ ବିଜୟ ଲାଭ କରିଥିଲେ। ଏଥିରେ ଅମ୍ପାୟାର ଭାବେ ଟିଟୁ ପ୍ରଧାନ ଓ ଜଗା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଲକ୍ଷ୍ମଣ ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜେତା ଦଳ ସମେତ ଅନ୍ୟମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ରାଧାକୃଷ୍ଣ କ୍ରିକେଟ କ୍ଲବର ସଭାପତି ସୁବାସ ପ୍ରଧାନ ସମ୍ପାଦକ ଯଜ୍ଞେଶ୍ୱର ପ୍ରଧାନ ପ୍ରମୁଖ ସମେତ କ୍ଲବର ସମସ୍ତ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।



**ବଂଶାଜାଲ ବିଜୟୀ**

## ବିଜେଡିର ସମ୍ବଲପୁର ଜୋନସ୍ତରୀୟ କମିଟି ଘୋଷିତ

**ସମ୍ବଲପୁର, ୨୯।୧(ସମିସ):** ବିଜୁ ଛାତ୍ର ଜନତା ଦଳର ସମ୍ବଲପୁର ଜୋନ ସ୍ତରୀୟ କମିଟି କର୍ମକର୍ତ୍ତାଙ୍କ ନାମ ଆଜି ଘୋଷଣା ହୋଇଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ ତଥା ଦେବଗଡ଼ ଜିଲ୍ଲାକୁ ନେଇ ସମ୍ବଲପୁର ଜୋନ ଗଠିତ ହୋଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅନୁମୋଦନ ପରେ ସମ୍ବଲପୁର ଜୋନ କମିଟି ଘୋଷିତ ହେଇଛି। ପୂର୍ବରୁ ସମ୍ବଲପୁର ଜୋନର ସଭାପତି ଥିବା ମିଳନ ହୋତାଙ୍କ ନାମ ବଳବତ୍ତର ଥିବା ବେଳେ ଅନ୍ୟ ସଦସ୍ୟମାନଙ୍କୁ ନୂତନ ଭାବେ ଚୟନ କରାଯାଇଛି। ଉପସଭାପତି ଭାବେ ଦେବଜ୍ୟୋତି ପଟ୍ଟନାୟକ, ଦେବାନନ୍ଦ ମେହେର, ସୁରେନ୍ଦ୍ର କୁମାର ତାଣ୍ଡି, ହେମନ୍ତ କୁମାର ପାଢ଼ୀ, କାହ୍ନୁ କୁମାର ପୋଢ଼, ବିରଞ୍ଚି ସାମଲ ନିଯୁକ୍ତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସତ୍ୟନାରାୟଣ ମିଶ୍ର, ସାନିଲ ନାୟକ, ଚିନ୍ମୟ ଦାସ, କାମିଲ ହୁସେନ, ମୋହିତ ଦାସ, ସନ୍ଦୀପ ମହାନ୍ତି, ପ୍ରଣବ ଭଟ୍ଟାଚାର୍ଯ୍ୟ, ପଙ୍କଜ କୁମାର ଶ୍ରେଷ୍ଠ, ସଞ୍ଜୀବ କୁମାର ବାଞ୍ଛୁଆ ଓ ମୁକେଶ ମୁଖାର୍ଜୀ ନିଯୁକ୍ତ ହୋଇଛନ୍ତି। ସେହିପରି ଭାବେ ଆଲୋକ ନାଥ, ନୀତିଶ ରଞ୍ଜନ ପାଣି, ବିଷ୍ଣୁଦେବ ମହାନ୍ତି, କାମାକ୍ଷା ପ୍ରସାଦ ସାମନ୍ତ, ପ୍ରବୀଣ କୁମାର ସାମଲ, ଶୁଭମ କୁମାର ମହାପାତ୍ର, ଇରଫାନ ଶେଖ, ହୋକେଶ ପ୍ରଧାନ, ପ୍ରଲେୟ କୁମାର ସାହୁ, ଗୁଲସନ ସାହୁ, ଆଶୁତୋଷ ଅଗ୍ରୱାଲ, ସ୍ମୃତି ପରିହାରୀ, ଶୁଭମ ପାତ୍ର ଓ ତନୁ କିସାନ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ନିଖିଳ ବାବୁ ଓ ଶୈଳେଶ ନାଏକଙ୍କୁ ଜୋନର ସୋସିଆଲ ମିଡିଆ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ସମସ୍ତ ନୂତନ ନିଯୁକ୍ତ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ, ୫ ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣେଇଛନ୍ତି।

## ନେହେରୁ ୟୁଥ୍ କ୍ଲବ୍ ପକ୍ଷରୁ ରେଙ୍ଗାଲି ମହୋତ୍ସବ

**ରେଢ଼ାଖୋଲ, ୨୯।୧(ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଗ୍ରାମର ଖେଳ ପଡ଼ିଆରେ ରେଙ୍ଗାଲି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଢୋଲ ଲିସାନ ତାସାର ତାଳେ ତାଳେ ବିଭିନ୍ନ କଳା ସଂସ୍କୃତିକୁ ନେଇ ନେହୁରୁ ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀ ନାରାୟଣ ଖୁଣ୍ଟୁଲି ଓ ସମ୍ପାଦକ ତରୁଣ ନାଏକଙ୍କ ନେତୃତ୍ୱରେ ରେଙ୍ଗାଲି ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେଡି ସଭାପତି ଉଦିତ ତ୍ରିପାଠୀ, ରେଙ୍ଗାଲି ସରପଞ୍ଚ ସ୍ୱେରେନ୍ଦ୍ରି ଭୋଇ, ପୁଷ୍ପଲତା ନାଏକ, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଅବସରପ୍ରାପ୍ତ ଜିଲ୍ଲାପାଳ ପ୍ରମୋଦ ବେହେରା, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, କଂଗ୍ରେସ ବରିଷ୍ଠ ନେତା ଆସବ ଅଲି ଖାଁ, ବୈଜ୍ଞାନିକ ଶେଷଦେବ କିଷାନ ଓ ତାଙ୍କର ପତ୍ନୀ ଜୟଶ୍ରୀ ଜେନା, ବଡ଼ମାଲ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ସଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ମହୋତ୍ସବ କାର୍ଯ୍ୟକ୍ରମରେ ପରଭା ନାଚ ଗର୍ଧେନେଶ୍ୱର ଦଣ୍ଡ ନୃତ୍ୟ, ଭୀମଭୋଇ କଳା ପରିଷଦ ବିରମହାରାଜପୁର, ଘୋଡା ନୃତ୍ୟ ଚକାମୁଣ୍ଡା, ରୁମକୁ ଝୁମାନା ମେଲୋଡି ସୁବର୍ଣ୍ଣପୁର, ପାଲା କଦଳୀପାଲି ଆଦି ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ ପାରମ୍ପାରିକ ଲୋକକଳା କଳାକାର ସହିତ ରେଙ୍ଗାଲି ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମ ନୀଳା କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମାଜରେ ଭାଇଚାରା ସୃଷ୍ଟି ହେବା ସହ ବିଶେଷ କରି ଲୁଚି ଯାଉଥିବା ବିଭିନ୍ନ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୂଳଲକ୍ଷ। ମହୋତ୍ସବକୁ ଆହୁରି ମନଲୋଭା ତଥା ସୁନ୍ଦର କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ଉପରେ ସ୍ଥାନୀୟ ନେହୁରୁ ୟୁଥ କ୍ଲବର କର୍ମକର୍ତ୍ତା ବାର୍ତ୍ତା ପ୍ରଦାନ କରିଥିଲେ।




### ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

## ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷା, ସଂସ୍କାର ହିଁ ମୂଳମନ୍ତ୍ର

**ନାକଟିଦେଉଳ, ୨୯।୧(ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଷୋଡଶତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିରଞ୍ଚି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରେଢାଖୋଲ ବନଖଣ୍ଡୀୟ ଅଧିକାରୀ ଅରବିନ୍ଦନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ସଂକୁଳ ପ୍ରମୁଖ ପ୍ରୋମଦ ପାଢ଼ୀ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ସରପଞ୍ଚ ଜିତେନ୍ଦ୍ରିୟ କୁମାର ସାହୁ, ଜିଲ୍ଲାପରିଷଦ ସଦସ୍ୟା ଟିକେଶ୍ୱରୀ ମେହେର ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ଭୂମିକା ଶିକ୍ଷା ସମସ୍ୟା ଓ ଭାରତୀୟ ସଂସ୍କୃତିର ଶୈକ୍ଷିକ ଆଧାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛୋଟ ଛୋଟ କୋମଳମତି ଶିଶୁମାନେ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ସୁସମାଜ ଗଠନ ଦିଗରେ ଶିକ୍ଷା ଓ ସଂସ୍କାର ହିଁ ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଅଦାବର ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ତରୁଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମାମାନେ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ତବଲାରେ ପଞ୍ଚାୟତସ୍ତରୀୟ ସଚେତନତା

**ମାନେଶ୍ୱର, ୨୯।୧(ସମିସ):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତ ସ୍ତରୀୟ ସଚେତନତାର ଶିବିର ଆଜି ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ସମ୍ପର୍କରେ ମାନେଶ୍ୱର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ସମ୍ମୁଖରେ ଉଲ୍ଲେଖ କରିଥିଲେ। ବିଭିନ୍ନ ବିଭାଗର କର୍ମଚାରୀମାନେ ନିଜର ଷ୍ଟଲ ଲଗାଇ ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ କୃଷି ବିଭାଗ, ଓଡ଼ିଶା ସମନ୍ୱିତ ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, ପଶୁ ଓ ଚିକିତ୍ସା ବିଭାଗ, ମିଶନ ଶକ୍ତି ବିଭାଗ, ପାନୀୟ ଜଳ ଓ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗର କର୍ମଚାରୀମାନେ ଷ୍ଟଲ ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦୦(ଏକ ହଜାର) ଲୋକ ଏକତ୍ରିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦର ଓ ସଫଳ କରିବା ପାଇଁ ତବଲା ସରପଞ୍ଚ, ସମିତି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ସହିତ ସ୍ଥାନୀୟ କଳାକାରମାନଙ୍କୁ ନିମନ୍ତ୍ରଣ କରି କଳା ସଂସ୍କୃତିର ପ୍ରଦର୍ଶନ କରିଥିଲେ। ମା' ସମଲେଶ୍ୱରୀଙ୍କର ପୁନଃ ଉନ୍ନତିକରଣ ପ୍ରକଳ୍ପର ବାର୍ତ୍ତା ଭିଡିଓ ମାଧ୍ୟମରେ ପରିବେଷଣ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀଉନ୍ନୟନ ଅଧିକାରୀ, ପ୍ରଣବ କୁମାର ଚାନ୍ଦ, ନୂଆତପୁରା ସରପଞ୍ଚ ପ୍ରତିମା ସାହୁ, ସମିତି ସଭ୍ୟ ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଶିବ ଶଙ୍କର ନାଏକ ନୋଡାଲ ଅଫିସର ଭାବେ ପରିଚାଳନା କରିଥିଲେ। ଅଖୋଜ ପ୍ରଧାନ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ।

## ପଦ୍ମଶ୍ରୀ ସମ୍ମାନ ମନୋନୀତ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୯।୧(ସମିସ):** ସମ୍ବଲପୁର ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ମହାପ୍ରାଣ ଯୋଗେନ୍ଦ୍ର ନାଥ ମଣ୍ଡଳଙ୍କର ୧୨୧ ତମ ଜନ୍ମତିଥି ପାଳନ ଓ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଥିବା ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲସିଂଙ୍କ ଅଧ୍ୟକ୍ଷତା ଓ ଉପାଧ୍ୟକ୍ଷ ଶିବଶଙ୍କର ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ମୋତିଲାଲ ଦୋରା, ମହମ୍ମଦ ମୁସ୍ତିକିମ, ଏମ ଆର ପ୍ରଶାନ୍ତ ପ୍ରମୁଖ ଉପସ୍ଥିତ ରହି ଯୋଗେନ୍ଦ୍ର ନାଥ ମଣ୍ଡଳଙ୍କ ନୀତି ଆଦର୍ଶ ଓ ବିନୋଦ ପଶାୟତଙ୍କ ସମ୍ବଲପୁର ଭାଷାରେ ଥିବା ରଚନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ସମ୍ମାନ ପାଇବାକୁ ମନୋନୀତ ହୋଇଥିବା ବିନୋଦ ପଶାୟତଙ୍କୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁଜିତ କୁମାର ନନ୍ଦ, ଅନୁସୟା ସାମଲ, ଗୁଣରଞ୍ଜନ ସାଲିମା, ଦୟାନିଧି ବେହେରା, ସିଲସିଲା ବେହେରା, ଆର୍ତ୍ତତ୍ରାଣ ଚାନ୍ଦ, ପ୍ରଦୀପ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପମହାସଚିବ ଶେଖ୍ ଇନ୍ତେଖାପ୍ ଧନ୍ୟବାଦ ଅର୍ପଣ କରିଥିଲେ।




## ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

**ନାକଟିଦେଉଳ, ୨୯।୧ (ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ୮ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ୪୮ ଜଣ ଛାତ୍ରୀ ତାଲିମ୍ ଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଦୀପାଞ୍ଜଳୀ ବାର୍ଲା ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ପତିତ ମହାନନ୍ଦ, ଇତିହାସ ଅଧ୍ୟାପକ ଶରତ କୁମାର ଶତପଥି ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ମଞ୍ଚାସୀନ ରହିଥିଲେ। ସମାଜରେ ଦିନକୁ ଦିନ ଛାତ୍ରୀମାନଙ୍କ ପ୍ରତି ଘଟୁଥିବା ବିଭିନ୍ନ ଘଟଣାରୁ ନିଜକୁ ସୁରକ୍ଷା ପାଇଁ ଏହି ଶିବିର ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ତାଲିମ୍ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁବାସିନୀ ବେହେରା ପରିଚାଳନା କରିଥିବା ବେଳେ ଅଧ୍ୟାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

**କୁଚିଣ୍ଡା, ୨୯ ।୧(ସମିସ):** ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଆଜି ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ଉଦ୍‌ଘାଟନ କରିଥିଲେ । ଆବଶ୍ୟକତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଯୁକ୍ତ ଦୁଇ କଳା ଏବଂ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀ ତାଲିମ ନେଇଥିଲର । ଶିବିର ଆଠ ଦିନ ଅନୁଷ୍ଠିତ ହେବ ଓ ୬ତାରିଖରେ ଉଦଯାପିତ ହେବ। ଶିବିର ଆରମ୍ଭରେ ଇଂରାଜୀ ଅଧ୍ୟାପିକା ଦୀପିକା ବେହେରା ସଭାକୁ ପରିଚାଳିତ କରିଥିଲେ। ଏହା ସହ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ଅଣ ଶିକ୍ଷକ କର୍ମଚାରୀମାନେ ସଭାକୁ ସଫଳ କରିବାରେ ସାହାଯ୍ୟ କରିଥିଲେ।

## ସମାଜ ବିଜ୍ଞାନରେ ପିଏଚଡି ଲାଭ



ଗବେଷକ ଦେବେନ୍ଦ୍ର କୁମାର ସାମଲ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ (Sociology)ରେ ସମ୍ମାନଜନକ ଡକ୍ଟୋରେଟ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Social and Economic Empowerment of Tribal Girls through Holistic Education: A case study of Kalinga Institute of Social Sciences, (KISS) Bhubaneswar" ଉପରେ ଗବେଷଣା କରୁଥିଲେ। ତାଙ୍କର ଏହି ଗବେଷଣାତ୍ମକ ସନ୍ଦର୍ଭଟି Mysore University, Karnatakaର ସମାଜ ବିଜ୍ଞାନ ବିଭାଗର ପ୍ରଫେସର R. Indira ଓ VNSG University, Suratର ସମାଜ ବିଜ୍ଞାନ ବିଭାଗର ପ୍ରଫେସର ତଥା ପୂର୍ବତନ ବିଭାଗୀୟ ମୁଖ୍ୟ Prof. Pervez Ahmad Abbasiଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଦେବେନ୍ଦ୍ର କୁମାର ସାମଲ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ସ୍ଥିତ ଚଢେଇଗୁଆଁ (ପଟଣା) ଗ୍ରାମ ନିବାସୀ ମାତା ଶ୍ରୀମତୀ ସ୍ୱର୍ଣ୍ଣଲତା ସାମଲ ଓ ପିତା ଶ୍ରୀ ଉପେନ୍ଦ୍ର ସାମଲଙ୍କ ସୁପୁତ୍ର। ଡ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସହିତ ତାଙ୍କର ଶ୍ରେୟ ଗାଇଡ ଅନିତା ଦାଶ, ଧର୍ମପତ୍ନୀ ସୁଜାତା, ପୁତ୍ର ଶ୍ରୀଧର, ପରିବାରବର୍ଗ, ବନ୍ଧୁ ସମେତ ସମସ୍ତ ସହକର୍ମୀଙ୍କୁ ଦେଇଛନ୍ତି। ପରିଶେଷରେ ସେ ତାଙ୍କର ସଫଳତାର ପାଇଁ ତାଙ୍କର ପଥପ୍ରଦର୍ଶକ KIIT ଓ KISS ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କନ୍ଧମାଳ ଲୋକସଭା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ପ୍ରେରଣା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଦୃଢ଼ବ୍ୟକ୍ତ କରିଛନ୍ତି।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ କବିତା ଦାସ

ଆବିର୍ଭାବ: ୨୦.୦୭.୧୯୬୯
ତିରୋଧାନ: ୨୦.୦୧.୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ନାତି- ନୀତେଶ, ରିତିଭିକ, ଝିଅ- ସପ୍ନା, ସଂଯୁକ୍ତା, ପୁତୁରା- ଜ୍ଞାନ, ଭଣଜା- ଅନୁରାଗ, ଜ୍ୱାଇଁ- ରାଜା, ଦେବାଶୀଷ, ଦିଅର- ଶୋବୋଧ ଓ ରବୀନ୍ଦ୍ର

## ସମଲେଇ ପ୍ରକଳ୍ପକୁ ଛତିଶଗଡ଼ ବିଜେପି ବିଧାୟକଙ୍କ ପ୍ରଶଂସା

**ସମ୍ବଲପୁର, ୨୯।୧(ସମିସ)**

ସମ୍ବଲପୁର ସମଲେଇ ପ୍ରକଳ୍ପ ଲୋକାର୍ପଣ ହେବା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆଜି ଶ୍ରଦ୍ଧାଳୁମାନେ ଆସି ମାଁଙ୍କ ଦର୍ଶନ କରିଥିଲେ। ଭବ୍ୟ ଓ ଦିବ୍ୟ ଭାବେ ପରିକ୍ରମା ପ୍ରକଳ୍ପକୁ ବୁଲି ଦେଖୁଛନ୍ତି। ସମସ୍ତଙ୍କ ମୁହଁରେ ପ୍ରକଳ୍ପର ପ୍ରଶଂସା ଲାଗି

**ସୀତାପୁରରେ ମଧ ଏଭଳି ପ୍ରକଳ୍ପ କରିବା ଇଚ୍ଛା**

ରହିଛି। ସୋମବାର ଛତିଶଗଡ଼ ସୀତାପୁରର ବିଜେପି ବିଧାୟକ ରାମ ସିଂ ମଧ ମନ୍ଦିର ପରିଦର୍ଶନ କରିବା ପରେ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ଦେଖି ଖୁସି ହୋଇ ସୀତାପୁରରେ ଥିବା ସମଲେଇଙ୍କ ମନ୍ଦିରରେ ଏଭଳି ପ୍ରକଳ୍ପ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଛତିଶଗଡ଼ରେ ମାଁ ସମଲେଇ ମନ୍ଦିର ରହିଛି। ସମଲେଇଙ୍କୁ ଦର୍ଶନ କରିବା ପାଇଁ ମଧ ସମ୍ବଲପୁରକୁ ଛତିଶଗଡ଼ରୁ ଶ୍ରଦ୍ଧାଳୁ ଆସୁଛନ୍ତି। ମୋ ବିଧାନସଭା କ୍ଷେତ୍ରର ଅଧିବାସୀଙ୍କୁ ଏହି ପ୍ରକଳ୍ପ ଦେଖିଯିବାକୁ ଅନୁରୋଧ କରିବି। ମହାନଦୀକୁ ଆମେ ପୂଜା କରିଥାଉ। ଏଠାରେ ମହାନଦୀ ଆଳତି କରିବାର ବ୍ୟବସ୍ଥା କରାଯାଉଛି ଯାହାକି ବେଶ ଉତ୍ସାହର କଥା। ସମଲେଇ ପ୍ରକଳ୍ପ ବହୁତ ସୁନ୍ଦର ହୋଇଥିବା କହିଥିଲେ ବିଧାୟକ ରାମ ସିଂ। ସୂଚନା ଯୋଗ୍ୟଯେ ଗତ ୨୭ତାରିଖରେ ବହୁ ପ୍ରତିକ୍ଷୀତ ସମଲେଇ ପ୍ରକଳ୍ପ ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରକଳ୍ପ ଲୋକାର୍ପଣ ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ରାଜ୍ୟ ବାହାରର ଶ୍ରଦ୍ଧାଳୁ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ସହିତ ସମଲେଇ ପ୍ରକଳ୍ପ ବୁଲି ସନ୍ଧ୍ୟା ସମୟରେ ମହାନଦୀ ଆଳତିର ମଜା ଉଠାଉଛନ୍ତି। ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ବିହାର ଭଳି ରାଜ୍ୟରୁ ଭକ୍ତମାନେ ଆରାଧ୍ୟଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହା ସହ ସମଲେଇ ପ୍ରକଳ୍ପ ଲୋକାର୍ପଣ ପରେ ଆଜି ତୃତୀୟ ଦିନରେ ଚାଲିଛି ଚଣ୍ଡୀପାଠ ଓ ହୋମଯଜ୍ଞ। ମୁଖ୍ୟ ମଣ୍ଡପରୁ ଆରମ୍ଭ କରି ସମସ୍ତ ମୁଖ୍ୟଦ୍ୱାର ମାନଙ୍କରେ ଚାଲିଛି ଚଣ୍ଡୀ ପାଠ। ତେବେ ସନ୍ଧ୍ୟାହେଲେ ଜମୁଛି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ। ସନ୍ଧ୍ୟାରେ ମହାନଦୀ ଆଳତି ସହ ଲେଜର ସୋ ଏବଂ ଲାଇଟ ସାଉଣ୍ଡ ସୋ ଦର୍ଶକଙ୍କୁ ଆକର୍ଷିତ କରୁଛି।





ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ

# ଯୁବ ଚେତନାର ମାର୍ଗଦର୍ଶକ ସାଜିଛି 'ନୂଆ-ଓ'

**ଅମ୍ବାଭୋନା/ଦହିତା, ୨୯।୧(ସମିସ)**

ଛାତ୍ରଛାତ୍ରୀ ତଥା ଯୁବବର୍ଗଙ୍କ ମଧ୍ୟରେ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ପାଇଁ ସୁଯୋଗ ଦେଇଛି ନୂଆ-ଓ। ଏହା ଫଳରେ ଏକ ସଂସ୍କାରିତ ସମାଜ ସୃଷ୍ଟି ହୋଇପାରିବ ବୋଲି ବରଗଡ ଜିଲ୍ଲା ପଦ୍ମପୁର ବ୍ଲକ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦହିତାଠାରେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ସାହୁଙ୍କ ପୌରୋହିତ୍ୟରେ ଓ ନୋଡାଲ ଅଫିସର ଅଧ୍ୟାପକ ଲମ୍ବୋଦର ତାଣ୍ଡିଙ୍କ ସଂଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରିପଦା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଜୟଶ୍ରୀ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପୁରୀର ପ୍ରାକ୍ତନ ଅଧ୍ୟାପକ ଡ.ଜଗବନ୍ଧୁ ମିଶ୍ର ମୁଖ୍ୟବକ୍ତା ତଥା ବରିକେଲ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଭାଗରିଥି ପଣ୍ଡା ସମ୍ମାନିତ ବକ୍ତା ଓ ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ମିଶ୍ର ଜଗନ୍ନାଥ




ଚେତନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶତ୍ରୁଘ୍ନ ପଧାନ ଓ ଅଧ୍ୟାପିକା ଶୋଭାମୟୀ ପଧାନଙ୍କ ସଞ୍ଚାଳନରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ନାରାୟଣ ହୋତା, ରାଜେଶ ଥନାପତି, ରତିକାନ୍ତ ସୁଆର, ସୁବଳ ସାହୁ, ମାନଭଞ୍ଜନ ହୋତା, ଦେବରାଜ ସାହୁଙ୍କ ସମେତ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରିୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅମ୍ବାଭୋନା ବ୍ଲକର ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ଜୁନିୟର ମହାବିଦ୍ୟାଳୟରେ ଏକ ସପ୍ତାହ ଧରି ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବଚରଣ ସାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ରରେ ବରଗଡ଼ ଜିଲ୍ଲା ଜଣାଶୁଣା ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡ. ରାଧାକୃଷ୍ଣ ବିଶ୍ୱକର୍ମା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଓଡ଼ିଆ ସାହିତ୍ୟ ଆଲୋଚନାର ଉଦେଶ୍ୟ ଜ୍ଞାପନ ମହାବିଦ୍ୟାଳୟର ନୋଡାଲ ଅଧିକାରୀ ଅଧ୍ୟାପକ ଜଗଦୀଶ ନାୟକ କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେରେ କୃତୀ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବରଗଡ଼ ନୂଆ ଜିଲ୍ଲାପାଳଙ୍କ ପ୍ରଥମ ଅଭିଯୋଗ ଶୁଣାଣି

**ଅମ୍ବାଭୋନା, ୨୯।୧(ସମିସ):** ଅମ୍ବାଭୋନା ବ୍ଲକ ସଭାଗୃହରେ ସୋମବାର ବରଗଡ଼ରେ ଯୋଗ ଦେଇଥିବା ନୂତନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୧୨୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶ୍ରୀ ଗୋୟଲଙ୍କ ସହ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାହାଇ ମୀନା, ଉପଜିଲ୍ଲାପାଳ କୁମାର ନାଗଭୂଷଣ, ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ ପ୍ରମୁଖ ମଞ୍ଚାସୀନ ଥିଲେ।



ଅମ୍ବାଭୋନା ବିଡିଓ ଶଙ୍କର ବାଗ, ତହସିଲଦାର ଆନନ୍ଦ ପଣ୍ଡା ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଭଟଲି ବ୍ଲକରୁ ରୋଗୀ ଜିଲ୍ଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରି ତା'ର ନିରାକରଣ ପାଇଁ ନିବେଦନ କରିଥିଲେ। ଅମ୍ବାଭୋନା ଗ୍ରାମପଞ୍ଚାୟତ ଅଧୀନସ୍ଥ କହ୍ନେଇପାଲି ଗ୍ରାମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ନାମରେ କାମ ନ କରି ଲକଡାଉନ ସମୟରେ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କେବଳ ବେନର ଲଗାଇ ପ୍ରକଳ୍ପର ଚାରି ବର୍ଷ ପରେ ଫଟୋ ଉଠାଇବା ସମୟରେ ଗ୍ରାମବାସୀ ଜାଣିଥିବା ଅଭିଯୋଗ କରିଛନ୍ତି। ବରଗଡ଼ ଜିଲ୍ଲାପାଳ ଏ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମନୋନୀତ ବିଜେତାଙ୍କୁ ସମ୍ବର୍ଦ୍ଧନା

**ପାଇକମାଲ, ୨୯।୧ (ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲରେ ପାଇକମାଲ ବ୍ଲକର ସମସ୍ତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜେତାଙ୍କୁ ଗୋଷ୍ଠୀ କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ପ୍ରଫୁଲ୍ଲ ଓଦୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟ ସ୍ତରରେ ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇକମାଲ ହାଇସ୍କୁଲ, ସର୍ବଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ସହ ଏସଏମଡିସି, ରାଜ୍ୟ ପୁରସ୍କାର ବିଜେତା ବିଜ୍ଞାନରେ ଜ୍ୟୋତିର୍ମୟୀ ପଟ୍ଟନାୟକ, ସାମାଜିକ ବିଜ୍ଞାନରେ ଆଦ୍ୟାଶା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସେହିପରି ଜିଲ୍ଲା ସ୍ତର ପୁରସ୍କାରର ମାତୃଭାଷା ପାଇଁ ଅନିମା ରାଉତ, ଇଂରାଜୀ ପାଇଁ ବବିତା ବେହେରା, ତୃତୀୟ ଭାଷା ପାଇଁ ତ୍ରିଲୋଚନ ନାୟକ, ରମାଇଁ ଚରଣ ଦାସ, କଳ୍ପନା ସାହୁ, ଗଣିତ ବିଷୟ ପାଇଁ ଲଳିତ ବିଶ୍ୱାଳ ଓ ମଣ୍ଟୁ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ଜାନୁୟାରୀ ୩୧ ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ରେ ଉପରୋକ୍ତ ସମସ୍ତ ଶିକ୍ଷକ ଓ ବିଦ୍ୟାଳୟ ମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦ୍ୱାରା ସମ୍ମାନିତ କରାଯିବ। ଏବିଇଓ ଧଳେନ୍ଦ୍ର ବାରିକ ପରିଚାଳନା କରିଥିଲା ବେଳେ ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଦେଇଥିଲେ।

## ନୂତନ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଯୋଗଦାନ

**ବରଗଡ଼, ୨୯।୧(ସମିସ):** ସୋମବାର ବରଗଡ଼ର ନୂତନ ଜିଲ୍ଲାପାଳ ଭାବେ ଆଦିତ୍ୟ ଗୋୟଲ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ବରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ପ୍ରଶଂସନୀୟ ହୋଇଛନ୍ତି। ଜିଲ୍ଲାର ସାମଗ୍ରିକ ବିକାଶ ନିମିତ୍ତ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେବେ ବୋଲି ନୂତନ ଜିଲ୍ଲାପାଳ ଶ୍ରୀ ଗୋୟଲ କହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହା ଏବଂ



ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ବରଗଡ଼ ଜିଲ୍ଲାପାଳ ଥିବା ମୋନିଷା ବାନାର୍ଜିଙ୍କ ବଦଳି ହେବା ପରେ ଜିଲ୍ଲା ପରିଷଦର ସିଇଓ ଭାବେ କାର୍ଯ୍ୟରତ ଆଇଏଏସ ଆଦିତ୍ୟ ଗୋୟଲ ବରଗଡ଼ର ନୂଆ ଏବଂ ୩୦ତମ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଉଦଯାପିତ

**ପଦ୍ମପୁର, ୨୯।୧(ସମିସ):** ଅଞ୍ଚଳ ମହାବିଦ୍ୟାଳୟର ସମ୍ମେଳନ ପ୍ରକୋଷ୍ଠରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା ତାଲିମର ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଗତ ଜାନୁଆରୀ ୧୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଅଧ୍ୟାପିକା ବୁନି ସାହୁ। ପ୍ରଧ୍ୟାପିକା ତାପିନୀ ପଣ୍ଡା ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଶର୍ମିଳା ପଣ୍ଡା ଆତ୍ମ ସୁରକ୍ଷା ତାଲିମକୁ ଭୁଲ ସ୍ଥାନରେ ପ୍ରୟୋଗ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀ ବର୍ଷା ଏହି ତାଲିମର ଅଭିଜ୍ଞତା ଉପସ୍ଥାପନ କରିଥିଲେ। ଅଧ୍ୟାପିକା ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




## ସେବାଶ୍ରୀଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବରଗଡ଼,୨୯।୧ (ସମିସ):** ଶିକ୍ଷା କ୍ଷେତ୍ରରେ ଶିକ୍ଷକ ତଥା ଶିକ୍ଷାଧିକାରୀ ମାନଙ୍କ ପରିଶ୍ରମକୁ ସ୍ୱୀକାର କରି ଓଡିଶା ସରକାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା। ଏହି ପରିପ୍ରେକ୍ଷୀରେ ବରଗଡ଼ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବଶ୍ରୀ ଭୋଇଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା ହୋଇଛି। ଏହାପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ମହଲରେ ଖୁସିର ବାତାବରଣ ଦେଖା ଯାଇଛି। ଶ୍ରୀମତୀ ଭୋଇଙ୍କ ଏହି ଉପଲବ୍ଧି ପାଇଁ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାର ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଶିକ୍ଷକ ସଂଗଠନ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣେଇଛନ୍ତି। ଶ୍ରୀମତୀ ଭୋଇ ତାଙ୍କ ଏହି ଉପଲବ୍ଧି ପାଇଁ ନିଜ ପିତାମାତା, ବରଗଡ଼ ବ୍ଲକର ସମସ୍ତ ଶିକ୍ଷକ ତଥା ଶିକ୍ଷା ପ୍ରଶାସକ ଓ ନିଜର ଶୁଭେଚ୍ଛୁଙ୍କୁ ଶ୍ରେୟ ଦେଇଛନ୍ତି।

### ଦୁବାଇରେ ଧୁମଧାମରେ ପୁଷପୁନି ପାଳନ

## ଜମିଲା କୋସଲ କବିଙ୍କ ଆସର

**ବରଗଡ଼, ୨୯।୧(ସମିସ):** ସୁଦୂର ଦୁବାଇ ମାଟିରେ ଧୁମଧାମରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ପୁଷପୁନି ଉତ୍ସାହ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ୟୁଏଇ ନୂଆଁଖାଇ ପରିବାର ତରଫରୁ ପାଳିତ ଏହି ପର୍ବରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପିଠା ପଣାର ମହକ ବେଶ ବାରି ହେଉଥିଲା। ନୂଆଁଖାଇ ପରେ ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କୃଷିଭିତ୍ତିକ ପର୍ବ ହେଉଛି ପୁଷପୁନି। ଗତ ୨୮ ତାରିଖରେ ଦୁବାଇର କ୍ରିକ୍ ପାର୍କରେ ଅନୁଷ୍ଠିତ ଏହି କୃଷିଭିତ୍ତିକ ପର୍ବରେ ୟୁଏଇର ବିଭିନ୍ନ ଅଞ୍ଚଳରେ ରହୁଥିବା ଓଡିଆମାନେ ସେମାନଙ୍କ ପରିବାର ଏବଂ ପିଲାମାନଙ୍କ ସହିତ ସାମିଲ ହୋଇଥିଲେ। ଏ ଅବସରରେ ଅନ୍ତର୍ଜାତୀୟ କବି ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ 'ପୁଲିସ କବି ରଞ୍ଜିତ ପ୍ରଧାନ' ଓ 'ରସରାଜ ଅଚ୍ୟୁତ ପୁରୋହିତ' ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲେ। ପ୍ରଥମ ଥର ପାଇଁ ପଶ୍ଚିମ ଓଡ଼ିଶାରୁ କବିଙ୍କୁ ନିମନ୍ତ୍ରଣ କରାଯାଇ ଅନ୍ତର୍ଜାତୀୟ କବି ସମ୍ମିଳନୀର ସଫଳ ଆୟୋଜନ କରିଛି ୟୁଏଇ ନୂଆଁଖାଇ ପରିବାର। ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ ସେହି ଅଞ୍ଚଳର କଳାକାରଙ୍କୁ ଦୁବାଇକୁ ନିମନ୍ତ୍ରଣ କରି ତାଙ୍କୁ ସମ୍ମାନିତ କରିଛି ୟୁଏଇ ନୂଆଁଖାଇ ପରିବାର। ଆମ ପିଲାମାନେ ଘରଠାରୁ ଦୂରରେ ରହୁଥିଲେ ବି ଆମ ଓଡ଼ିଆ ପରମ୍ପରା ଓ ସଂସ୍କୃତି ଶିଖିବା ଉଦ୍ଦେଶ୍ୟ ନେଇ ଏହି ପର୍ବ ପାଳିତ ହୋଇଥିବା ବେଳେ ଏ ଅବସରରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ନୃତ୍ୟ, ବେଲୁନ୍ ଟୁଇଷ୍ଟିଙ୍ଗ୍ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ପୁଷପୁନି ପାଇଁ ସ୍ୱତନ୍ତ୍ର ଆରିସା ପିଠା ଓ ଖଜା ସୁଦୂର ବଲାଙ୍ଗିରରୁ ଯାଇଥିଲା। ଯାହାର ସ୍ୱାଦ ନେଇଥିଲେ ବିଦେଶରେ ରହୁଥିବା ଓଡ଼ିଆ। ଏହାସହ ପାରମ୍ପାରିକ ଓଡିଆ ଖାଦ୍ୟ ଥିଲା ଏହି ମହୋତ୍ସବର ଅନ୍ୟତମ ଆକର୍ଷଣ।




ସ୍ୱତନ୍ତ୍ର ପାରମ୍ପାରିକ ଖାଦ୍ୟ ସହ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ନାଚ ଗୀତରେ ଉତ୍ସବ ମୁଖରିତ ହୋଇ ପଡ଼ିଥିଲା କ୍ରିକ ପାର୍କ ଦୁବାଇ। ସମ୍ବଲପୁରୀ ଗୀତର ତାଳେ ତାଳେ ପୁରା ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପଶ୍ଚିମ ଓଡ଼ିଶାରେ ନୂଆ ଧାନ ଅମଳ ହେବା ପରେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ କରାଯାଉଥିବା ବେଳେ ଅମଳ ଶେଷ ପରେ ପୁଷପୁନି ପରେ ପାଳନ କରାଯାଏ।

DADLS-100

ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
୩୦ ଜାନୁଆରୀ, ୨୦୨୪ ସକାଳ: ପୂର୍ବାହ୍ନ ୧୦.୪୭ ମିନିଟ
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗଦେବେ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0309/2324

DSPL-587

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
E-Mail: rera.odisha@gmail.com
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in
“ଆପଣଙ୍କର ଅଧିକାର, ଆମ ଦାୟିତ୍ୱ”
OIPR-13223/13/0013/2324

# ଇପିଏଫ୍ ପେନ୍‌ସନର୍ସ ଏସୋସିଏସନ୍‌ର ବାର୍ଷିକ ସଭା

**ବରଗଡ଼, ୨୯।୧(ସମିସ):** ବିଜୁ ପଟ୍ଟନାୟକ ଟାଉନ ହଲଠାରେ ବରଗଡ଼ ଜିଲ୍ଲା ଇପିଏଫ ପେନସନର୍ସ ଏସୋସିଏନର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ସତ୍ୟ ରଥ ପରିଚାଳନା କରିଥିଲେ। ସମ୍ପାଦକ ଅଚ୍ୟୁତାନନ୍ଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଏ ଅବସରରେ କେନ୍ଦ୍ର ସରକାରଙ୍କ ବର୍ଦ୍ଧିତ ପେନସନ ଦେବାରେ କାଳକ୍ଷେପଣ ନୀତିକୁ ସମାଲୋଚନା କରାଯାଇଥିଲା। ଏହାସହ ମାସିକ ୯ ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ନିମନ୍ତେ ଦାବି ହୋଇଥିଲା। ଆଗାମୀ ଦିନରେ ଏନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ୨୦୨୪-୨୬ ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏଥିରେ ସଭାପତି ବିଜୟ ମହାନ୍ତି, ଉପସଭାପତି ଚନ୍ଦ୍ରଶେଖର କାଳିଆ ଓ ସତ୍ୟନାରାୟଣ ରଥ, ସମ୍ପାଦକ ଅଚ୍ୟୁତାନନ୍ଦ ମହାପାତ୍ର, ସହ ସମ୍ପାଦକ ଦେବୀ ପଟ୍ଟନାୟକ, କୋଷାଧ୍ୟକ୍ଷ ସର୍ବେଶ୍ୱର ରଣା ଓ ସଂଗଠକ ଭାବେ ସୁଶାନ୍ତ ପାଣିଗ୍ରାହୀ ମନୋନୀତ ହୋଇଥିଲେ। ସେହିପରି ମଙ୍ଗନ ଭୋଇ, ସୁକମନି କଠାର, ବିରାଜ ମିଶ୍ର, ଅଚ୍ୟୁତାନନ୍ଦ ବାରିକ, ଗଜପତି ନାଏକ ପ୍ରମୁଖ କାର୍ଯ୍ୟାକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସମବାୟ କେନ୍ଦ୍ର ବ୍ୟାଙ୍କ, ସମ୍ବଲପୁରୀ ବସ୍ତ୍ରାଳୟ, ରାଜ୍ୟ ପରିବହନ ସଂସ୍ଥା ସମେତ ବିଭିନ୍ନ ସରକାରୀ ସଂସ୍ଥାରୁ ଅବସର ଗ୍ରହଣ କରିଥିବା ପ୍ରାୟ ୧୫୦ ଜଣ ସଭ୍ୟ ଏଥିରେ ସାମିଲ ହୋଇଥିଲେ।




# ଭିନ୍ନ ଏକ ନୃତ୍ୟ, ଭିନ୍ନ ଜଣେ ଗୁରୁ







**ବରଗଡ଼, ୨୯।୧(ସମିସ)**

ପୁରାଣ ଯୁଗରୁ ଚାଲି ଆସୁଥିବା ବହୁ ପୁରାତନ ନାଟ୍ୟ ପରମ୍ପରା ଶବ୍ଦନୃତ୍ୟ ପାଇଁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବରଗଡ଼ ଜିଲ୍ଲା ବରପାଲି ବ୍ଲକ କୁମ୍ଭାରୀ ଗ୍ରାମର ଭାଗବତ ପ୍ରଧାନଙ୍କ ପୁରା ଜୀବନ ଏହି କଳାର ପ୍ରଚାର ଓ ପ୍ରସାର ପାଇଁ ସମର୍ପିତ। 'ପଦ୍ମ' ପୁରସ୍କାର ପାଇବା ପରେ ବରପାଲି କୁମ୍ଭାରୀ ଅଞ୍ଚଳ ଯେତେ ଗୌରାବାନ୍ୱିତ ମନେ କରୁଛି ତା'ସହ ଶ୍ରୀ ପ୍ରଧାନଙ୍କ କଳା ପ୍ରତି ଆବେଗ, ନିଷ୍ଠା ଓ ସମର୍ପଣ ଭାବ ବେଶ୍ ଚର୍ଚ୍ଚିତ ରହିଛି। ୮୬ ବର୍ଷିୟ ଭାଗବତ ପ୍ରଧାନ ପରିଣତ ବୟସରେ ମଧ୍ୟ ପ୍ରତ୍ୟେକ ଦିନ ବହୁ ଶିଷ୍ୟଙ୍କୁ ଏହି ଶିକ୍ଷା ପ୍ରଦାନ କରୁଛନ୍ତି।

ଶବ୍ଦନୃତ୍ୟ ଯାହାକି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏକାକୀ ବା ଦଳଗତ ଭାବରେ ପ୍ରଦର୍ଶନ କରାଯାଇଥାଏ, ପ୍ରଥମେ ଗୁରୁ ବୋଲ ଆରମ୍ଭ କରିବା ପରେ ଅନ୍ୟମାନେ ତାକୁ ଅନୁସରଣ କରିଥାନ୍ତି। କୁମ୍ଭାରୀଠାରେ ଥିବା ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦରେ ବହୁ ଦିନରୁ ଏହି ଗୁରୁଶିଷ୍ୟ ପରମ୍ପରା କାର୍ଯ୍ୟ କରି ଆସୁଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ୧୯ଟି ଦଳ ଏହାକୁ ପ୍ରଦର୍ଶନ କରିଥିବା ବେଳେ ଭାଗବତ ପ୍ରଧାନ ଏହି ପରମ୍ପରାର ଦଶମ ଗୁରୁ ଅଟନ୍ତି। ସ୍ୱର୍ଗତ ବଂଶୀଧର ପ୍ରଧାନଙ୍କଠାରୁ ଏହି କଳା ଶିଖିଥିବା ଭାଗବତ ପିଲାଟି ଦିନରୁ ଆର୍ଥିକ ଅନଟନ ମଧ୍ୟରେ ବଢ଼ିଥିବା ବେଳେ ଉଚ୍ଚ ଶିକ୍ଷାରୁ ମଧ୍ୟ ବଞ୍ଚିତ ହୋଇଥିଲେ। ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ରେ ଦୀର୍ଘ ସାତ ଦଶନ୍ଧି ଧରି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଏହାର ପ୍ରଦର୍ଶନ ଜାରି ରଖିଛନ୍ତି। ପ୍ରଥମେ ଶବ୍ଦନୃତ୍ୟ କେବଳ ପୁରୁଷମାନଙ୍କ ମଧ୍ୟରେ ସୀମିତ ଥିବା ବେଳେ ଭାଗବତ ପ୍ରଧାନ ଏଥିରେ ମହିଳାମାନଙ୍କୁ ଶିକ୍ଷା ଦେଇ ଏଥିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ୭୩ ବର୍ଷ ଧରି ଏହି ପରମ୍ପରାକୁ ବଞ୍ଚାଇ ରଖିଥିବା ଶ୍ରୀ ପ୍ରଧାନ ବର୍ତ୍ତମାନ ମଧ୍ୟ ୨୦ଟିରୁ ଅଧିକ ଦଳକୁ ଏହି ଶିକ୍ଷା ଦେଉଛନ୍ତି। ଷାଠିଏ ଦଶକର ପ୍ରାରମ୍ଭରେ ଜଣେ ପ୍ରାଥମିକ ଶିକ୍ଷକ ଭାବେ କିଛିଦିନ କାର୍ଯ୍ୟ କରି ସେ ଏହାକୁ ଛାଡି ଦେଇ ନିଜର ଜୀବନକୁ ଶବ୍ଦନୃତ୍ୟ ପାଇଁ ସମର୍ପିତ କରିଥିଲେ। ୧୯୮୧ରୁ ୧୯୮୭ ପର୍ଯ୍ୟନ୍ତ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଥିବା ଶ୍ରୀ ପ୍ରଧାନ ୨୦୧୫ରେ ଓଟିଭି ସିଟିଜେନ ଏୱାଡ ପାଇଁ ମନୋନୀତ ହୋଇଥିଲେ।







ଶବ୍ଦନୃତ୍ୟ ସହ ଅପେରାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଶ୍ରୀ ପ୍ରଧାନ ତାଙ୍କ ଜୀବନରେ ବହୁ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଅପେରାରୁ ଅର୍ଜିତ ହେଉଥିବା ଆୟକୁ ବହୁ ଶିକ୍ଷାନୁଷ୍ଠାନକୁ ଦାନ କରିଛନ୍ତି। ଏପରିକି ସେ ପାଇଥିବା ବହୁ ମେଡାଲ ମଧ୍ୟ ବିଭିନ୍ନ

**ଶବ୍ଦନୃତ୍ୟର ନାୟକ ପଦ୍ମଶ୍ରୀ ଭାଗବତ ପ୍ରଧାନ**

ଅନୁଷ୍ଠାନକୁ ଦାନ କରିଛନ୍ତି। ଏକ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣ ଭିତରରେ ବ୍ରଜେଶ୍ୱରୀ ନୃତ୍ୟକଳା ସଂସଦକୁ ଚଳାଉଥିବା ଶ୍ରୀ ପ୍ରଧାନଙ୍କୁ ୧୯୯୯ରେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଏଲିଆନା ସିତାରିଷ୍ଟ ଦେଖାକରି ତାଙ୍କର ସାକ୍ଷାତକାର ନେବା ସହ ଏହି ନୃତ୍ୟ ବାବଦରେ ବିଶଦ ସୂଚନା ଗ୍ରହଣ କରିଥିଲେ। ଏହାଛଡା ଜାପାନର ଓଟାନି ୟୁନିଭରସିଟିର ଶୋଭାରାଣୀ ଦାଶ ଅନ୍ୟ ଗବେଷକଙ୍କ ସହ ୨୦୧୨ରେ ତାଙ୍କୁ ସାକ୍ଷାତ କରି ଏହି ନୃତ୍ୟ ବିଷୟରେ ଅଧିକ ଗବେଷଣା ଜାରି ରଖିଛନ୍ତି। ସାତ ଦଶନ୍ଧି ଧରି ନିଜର ଜୀବନକୁ ଶବ୍ଦନୃତ୍ୟ ପାଇଁ ସମର୍ପିତ କରିଦେଇଥିବା ଭାଗବତ ପ୍ରଧାନ ପରିଣତ ବୟସରେ ମଧ୍ୟ ତାଙ୍କର ନିରବଚ୍ଛିନ୍ନ ସାଧନ ଜାରି ରଖିଛନ୍ତି। ତାଙ୍କର ଏହି ସାଧନା ପାଇଁ ୧୯୭୮ରେ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶବ୍ଦ ନୃତ୍ୟଗୁରୁ ୨୦୧୨ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସମ୍ମାନ, ୨୦୧୩ରେ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ଶବ୍ଦ ନୃତ୍ୟ ଗୁରୁ ସମ୍ମାନ, ୨୦୧୮ରେ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରତିଭା



ପୁରସ୍କାର, ଓଡ଼ିଶା ଲୋକ ନୃତ୍ୟ ମହୋତ୍ସବ ସମ୍ବଲପୁର ଆନୁକୂଲ୍ୟରେ ପୁରସ୍କୃତ ହେବା ସହ ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସମ୍ମାନିତ ହୋଇଥିଲେ। ୨୦୦୦ରେ ସଙ୍ଗୀତ ନାଟକ ଏକାଡେମି ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ତାମ୍ରପତ୍ର ସହ ସମ୍ମାନିତ ଓଡ଼ିଶା ସାମ୍ବାଦିକ ୟୁନିଅନ ତ୍ରୟୋଦଶି ଦ୍ୱିବାର୍ଷିକ ୨୦୦୩ ସମ୍ମିଳନୀ ତରଫରୁ ଭୁବନେଶ୍ୱରରେ ମାନପତ୍ର ସହ ସମ୍ମାନିତ ହୋଇଥିଲେ। ସେହିପରି ସମ୍ମାନ, ୨୦୧୯ରେ ଇମ୍ପା ଗ୍ରୁପ ତରଫରୁ ବଂଶୀଧର ଇଲା ପଣ୍ଡା ସାରସ୍ୱତ ସାଧନା ସମ୍ମାନ, ୨୦୨୨ରେ ହାଇଦ୍ରାବାଦରେ ଆଜାଦି କା ଅମୃତ ମହୋତ୍ସବ ସମ୍ମାନରେ ସମ୍ମାନିତ ହେବା ସହ ରାଜ୍ୟ ତଥା ଜାତୀୟସ୍ତରର ବହୁ ସଂସ୍ଥା ଅନୁଷ୍ଠାନ ଦ୍ୱାର ସମ୍ମାନିତ ହୋଇଛନ୍ତି। ଭାଗ ମାଷ୍ଟ୍ର ଭାବେ ପରିଚିତ ଭାବଗତ ପ୍ରଧାନ ପରିଣତ ବୟସରେ ମଧ୍ୟ ଏହି ଶବ୍ଦନୃତ୍ୟ ପାଇଁ ନିଜର ଯାତ୍ରା ଜାରି ରଖିଛନ୍ତି।

# ପାନୀୟଜଳ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

**ପଦ୍ମପୁର, ୨୯।୧ (ସମିସ):** ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ନେହେରୁଗଳିରେ ପାନୀୟ ଜଳର ସମସ୍ୟା ଦେଖା ଦେଇଛି। ଉକ୍ତ ପଡାରେ ଥିବା ୬ଟି ନଳକୂପରୁ ୩ଟି ଅଚଳ ହୋଇ ପଡିଛି। ନଳକୂପର ପାଣି ପାନୀୟ ଜଳ ଉପଯୋଗୀ ନୁହେଁ। ଲୋକମାନେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣ କରାଯାଉଥିବା ଅନ୍ୟ ପଡାର ଷ୍ଟାଣ୍ଡପୋଷ୍ଟଠାରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ତାଙ୍କ ପଡାରେ ପାନୀୟ ଜଳ ପାଇଁ ପାଇପ ବିଛା ଯାଇଛି, କିନ୍ତୁ ମୁଖ୍ୟ ପାଇପ ସହ ସଂଯୋଗ କରାଯାଇନାହିଁ। ପାଇପ ଯୋଗେ ପାନୀୟଜଳ ପାଇ ପାରୁନାହାନ୍ତି। ବର୍ତ୍ତମାନଠାରୁ ସହରରେ ଜଳ ସମସ୍ୟା ଥିବା ସ୍ଥଳେ ଖରାଦିନରେ ଅବସ୍ଥା ଅସମ୍ଭାଳ ହେବ। ପାନୀୟ ଜଳର ସୁବିଧା କରିବା ପାଇଁ କାଉନସିଲର ପ୍ରିୟରଞ୍ଜନ ଭୋଇଙ୍କ ନେତୃତ୍ୱରେ ପଡାର ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ପଦ୍ମପୁରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଫେବୃୟାରୀ ୧୨ ସୁଦ୍ଧା ପାନୀୟ ଜଳର ବ୍ୟବସ୍ଥା ନ କଲେ ପଦ୍ମପୁର ମୁଖ୍ୟରାସ୍ତା ଦୁର୍ଗାମନ୍ଦିର ସମ୍ମୁଖରେ ରାସ୍ତାରୋକ କରିବାକୁ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା





**ବରପାଲି/ବରଗଡ଼/ଥୁଆପାଲି, ୨୯।୧ (ସମିସ)**

ବରପାଲି ବ୍ଲକ ବରମକେଲା ପଞ୍ଚାୟତ ପକ୍ଷରୁ ସୋମବାର ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କ୍ଷିରୋଦ୍ର ପଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାଣ୍ଡେ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ବରମକେଲା ସମିତିସଭ୍ୟା ଜାମିନି ପଧାନ, କୁନ୍ତୀ ପଧାନ, ବେଦବର ପଧାନ, ନୃସିଂହ ପଧାନ, ମାଧ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ବଡ଼େଇଙ୍କ ସଂଯୋଜନାରେ ପରିଚାଳିତ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚାୟତ ଅର୍ନ୍ତଗତ ସମସ୍ତ ଗ୍ରାମର ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୁବକ ଯୁବତୀ ସମ୍ମିଳିତ ହୋଇଥିଲେ।

ବରଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ବରଗଡ଼ ବ୍ଲକ ଧାଙ୍ଗେର, ନିଲେଶ୍ୱର ଆଦି ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବରଗଡ଼ କ୍ୟାନ୍ସର ହସ୍ପିଟାଲ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ଇନ୍‌ଡୋର୍ ଷ୍ଟାଡିୟମ୍ ଆଦି ପ୍ରକଳ୍ପ ବହୁତ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହେବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ନିଲେଶ୍ୱର ଗ୍ରାମ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଜୟନ୍ତ ଶଣ୍ଢ, ପ୍ରଫୁଲ୍ଲ ଭୋଇ, ଦାମୋଦର ସରାଫ, ଖୁଣ୍ଟପାଲି ସରପଞ୍ଚ ବେଲାଲ ସେନ ମେହେର, ଧାଙ୍ଗେର ସରପଞ୍ଚ ରତୁରାଜ ବାଗ, ସୌରାଷ୍ଟ୍ର ଷଣ୍ଢ ପ୍ରମୁଖଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାବୃନ୍ଦ ଉପସ୍ଥିତ ଥିଲେ।

ଭେଡ଼େନ ବ୍ଲକ୍ ଲୁପୁରସିଂହା ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ସରପଞ୍ଚ ପ୍ରତାପ ହୋତା ଅତିଥି ପରିଚୟ ପ୍ରଦାନ ଓ ସଂଯୋଜନା କରିଥିଲେ। ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଭେଡେନ ବ୍ଲକ ବିଡିଓ ତ୍ରିପୁରା ମହାନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ପିଙ୍କି ବଡ଼େଇ, ପଦ୍ମିନୀ ଗଡତିଆ, ଅତାବିରା ଆରଏମସି ଉପାଧ୍ୟକ୍ଷ ସୁବାସଚନ୍ଦ୍ର ହୋତା, ଲୁପୁରସିଂହା ସରପଞ୍ଚ ପ୍ରତାପ ହୋତା, ସମିତିସଭ୍ୟ ଆନନ୍ଦ କର୍ମୀ, ରୁକ୍ଷୁଡା ପାକ୍ସ ସଭାପତି ସୁରେନ୍ଦ୍ର କର୍ମୀ, ଭେଡେନ ଆମ୍ବ କମିଟିର ଅଧ୍ୟକ୍ଷ ବୀରବଲ ହୋତା ଓ ଭେଡେନ ବ୍ଲକ ସରପଞ୍ଚ, ସମିତିସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଚାଷୀ, ମହିଳା ଓ ଜନସାଧାରଣ ଯୋଗ ଦେଇଥିଲେ। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପିଠା ଓ ସ୍ୱାଦିଷ୍ଟ ଖାଦ୍ୟର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଛୋଟଛୋଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଭେଡେନ ସରପଞ୍ଚ ସଂଘ ସଭାପତି ପ୍ରତାପ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ସଂକ୍ରିଡା ପଞ୍ଚାୟତର ଝରାପାଲି ମାର୍କେଟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିରକୁ ସଂଯୋଜନା କରିଥିଲେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ବିଡିଓ ତ୍ରିପୁରା ମହାନନ୍ଦ, ଅତାବିରା ଆରଏମସି ଉପାଧ୍ୟକ୍ଷ ସୁବାସଚନ୍ଦ୍ର ହୋତା, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ପଦ୍ମିନୀ ଗଡତିଆ, ପିଙ୍କି ବଡ଼େଇ, ସଂକ୍ରିଡା ପାକ୍ସ ସଭାପତି ସୁବ୍ରତ ଚାନ୍ଦ, ଭେଡେନ ଆମ୍ବ କମିଟିର ଅଧ୍ୟକ୍ଷ ବୀରବଲ ହୋତା, ପ୍ରଫୁଲ୍ଲ ପଣ୍ଡା, ସଂକ୍ରିଡା ସରପଞ୍ଚ ଜୟନ୍ତୀ ସେଠ, ସମିତିସଭ୍ୟ ଚାଷୀ ଗିରି ନଇ ଓ ଭେଡେନ ବ୍ଲକର ବିଭିନ୍ନ ସରପଞ୍ଚ, ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଶହ ଶହ ଚାଷୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ ଧନ୍ୟବାଦ ଦେଇଥିଲେ।



# ତୈଳିକ ବୈଶ୍ୟ ସାହୁ ସମାଜର ଜିଲ୍ଲା କମିଟି ବୈଠକ

**ପଦ୍ମପୁର, ୨୯।୧ (ସମିସ):** ବରଗଡ ଜିଲ୍ଲା ତୈଳିକ ବୈଶ୍ୟ ସାହୁ ସମାଜର ଜିଲ୍ଲା କମିଟିର ବୈଠକ ନରସିଂହନାଥସ୍ଥିତ ସମାଜର ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଭିକାରି ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସଭାପତି ମନୋରଞ୍ଜନ ସାହୁ, ଉପଦେଷ୍ଟା ବେଣୁଧର ସାହୁ, ମନୋରଞ୍ଜନ ସାହୁ (ମନ ମାଷ୍ଟ୍ରେ), ତେଜବାଲି ସାହୁ, ଜିଲ୍ଲା ସମ୍ପାଦକ ଡ. ଭକ୍ତପୂରଣ ସାହୁ, ଯୁଗ୍ମ ସମ୍ପାଦକ ଡ. ବିରଞ୍ଚି ସାହୁ, ଆଇନ ପରାମର୍ଶଦାତା ରାଜକିଶୋର ସାହୁ, ଉପସଭାପତି ମାର୍କଣ୍ଡ ସା, ତୋଶବନ୍ତ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସହିତ ସମସ୍ତସଭ୍ୟ ଏବଂ ପାଇକମାଳ, ଝାରବନ୍ଧ, ପଦ୍ମପୁର, ଗାଇସିଲେଟ, ବରଗଡ, ଭଟଲି, ଭେଡେନ, ଅମ୍ବାଭୋନା ସାମାଜିକ ବ୍ଲକର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ବୈଠକରେ ନରସିଂହନାଥସ୍ଥିତ ସମାଜର ଧର୍ମଶାଳା ପାଇଁ ୧୭ ଜଣ ସଭ୍ୟ ବିଶିଷ୍ଟ ଏକ ନୂତନ ପରିଚାଳନା କମିଟି ଗଠିତ ହୋଇ ସଂକୀର୍ତନ ସାହୁ ସଭାପତି, ଉଗ୍ରସେନ ସାହୁ ଉପସଭାପତି ଓ ଯୋଗେନ୍ଦ୍ର ସାହୁଙ୍କୁ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ବରିଷ୍ଠ ସଭ୍ୟ ପିତାମ୍ବର ସାହୁଙ୍କ ଧନ୍ୟବାଦ ଦେଇଥିଲେ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ



**ବରପାଲି,୨୯।୧ (ସମିସ):** ବରପାଲି ବ୍ଲକ ବନ୍ଧପାଲି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ମୁଖ୍ୟବକ୍ତା ଭାବରେ ଡ. ଶୁକମୁନୀ ମେହେର, ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିର ଭୂମିଦାତା ସମାଜସେବୀ ମୋତିଲାଲ ଅଗ୍ରୱାଲା ଯୋଗ ଦେଇଥିଲେ। ପରିଚାଳନା ସମିତି ସଭାପତି ଦୁତିଆ ମେହେର ସଭାପତିତ୍ୱ କରିଥିଲେ। ପ୍ରଧାନଆଚାର୍ଯ୍ୟ ହେମନ୍ତ ମେହେର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ସଦାନନ୍ଦ ସାହୁ। ସହସଂପାଦକ ମକରଧ୍ୱଜ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୨-୨୩ ବର୍ଷର ବିଭିନ୍ନ ବିଭାଗରେ ସଫଳତା ଅର୍ଜନ କରିଥିବା ଶିଶୁଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ମାନ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ଗୁରୁମାଙ୍କ ସମେତ ସହକର୍ମୀମାନେ ସହଯୋଗ କରିଥିଲେ।

## ନବ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତି ଅନାବରଣ

# ସେ କେବଳ ମୋ ବାପା ନ ଥିଲେ, ଥିଲେ ଅନେକଙ୍କ ଗଡ଼ ଫାଦର: ଦୀପାଳି

**ଝାରସୁଗୁଡ଼ା, ୨୯।୧(ସମିସ)**

ଠିକ ଆଜିକାର ଦିନରେ ବ୍ରଜରାଜନଗରର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ



ସ୍ୱର୍ଗତ ନବ ଦାସ ଆସିଥିବାବେଳେ ପୁଲିସ ଏଏସଆଇ ଗୋପାଳ ଦାସଙ୍କ ଗୁଳିମାଡ଼ରେ ନବ ଦାସ ନିହତ ହୋଇଥିଲେ। ସୋମବାର ନବ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନବ ଦାସ ଫାଉଣ୍ଡେସନ ପକ୍ଷରୁ ଝାରସୁଗୁଡ଼ା ଇନିସ୍‌ପେକ୍ଟର ସମେତ ଜିଲ୍ଲାର ଅନେକ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳ ୬ ଟାରୁ ମନମୋହନ ଏମଇ ସ୍କୁଲ ପଡ଼ିଆରୁ ଏକ ମିନି ମାରାଥନ ଆୟୋଜନ ହୋଇଥିଲା। ଏହି ମିନି ମାରାଥନରେ ୫ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଭାଗ ନେଇଥିଲେ। ପରେ ସକାଳ ୧୧ଟା ସମୟରେ ଝାରସୁଗୁଡ଼ା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱର୍ଗତ ନବ ଦାସଙ୍କ ଏକ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ବିଧାୟିକା ଦୀପାଳି ଦାସ ଓ ବିଶାଳ ଦାସ ଅନାବରଣ କରିଥିଲେ। ଉକ୍ତ ଛକକୁ ନବ ଦାସ ଛକ ଭାବରେ ମଧ୍ୟ ନାମିତ କରାଯାଇଛି। ପରେ ମନମୋହନ ଏମଇ ସ୍କୁଲ ପଡ଼ିଆରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ସାରଦା ନାୟକ ଯୋଗ ଦେଇ ସ୍ୱର୍ଗତ ନବ ଦାସଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସେ କେବଳ ଜଣେ ଦକ୍ଷ ରାଜନେତା ନ ଥିଲେ ପଶ୍ଚିମ ଓଡ଼ିଶାର ଜଣେ ବରପୁତ୍ର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସାଂସଦ ନିରଞ୍ଜନ ବିଶି ତାଙ୍କୁ ଜଣେ ଦରଦୀ ଓ ପରାକ୍ରମୀ ନେତା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପୁର ବିଧାୟିକା ବର୍ଷା ସିଂହ ବରିହା, କୁଚିଣ୍ଡା ବିଧାୟକ କିଶୋର ସିଂ, ତାଳଚେର ବିଧାୟକ ବ୍ରଜ ପ୍ରଧାନଙ୍କ ସମେତ ତାଙ୍କ ଝିଅ ବିଧାୟିକା ଦୀପାଳି ଦାସ, ପୁଅ ବିଶାଳ ଦାସ, ନବ ଦାସଙ୍କ ପତ୍ନୀ ମିନତୀ ଦାସ, ବୋହୂ ଚାର୍ବି ଦାସ ଓ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ମିନି ମାରାଥନରେ ସହଯୋଗ କରିଥିବା ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମାରାଥନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ନବ ଦାସଙ୍କ ତିରୋଧାନ ଦିବସରେ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତନ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲା ତଥା ଜିଲ୍ଲା ବାହାର ଅନେକ ଲୋକଙ୍କ ଲେଖା ପ୍ରକାଶ ପାଇଛି। ବିଧାୟିକା ଦୀପାଳି ତାଙ୍କ ବକ୍ତବ୍ୟରେ ମୋ ବାପା କେବଳ ମତେ ଛାଡ଼ିକି ଯାଇ ନାହାନ୍ତି, ଆମ ସମସ୍ତଙ୍କୁ ଛାଡ଼ି ଯାଇଛନ୍ତି। ସେ କେବଳ ମତେ ଅନାଥ କରିନାହାନ୍ତି ଝାରସୁଗୁଡ଼ାର ଶହ ଶହ ଲୋକଙ୍କୁ ଅନାଥ କରି ଯାଇଛନ୍ତି।



ସ୍ୱର୍ଗତ ନବ ଦାସ କେବଳ ମୋ ବାପା ନୁହଁନ୍ତି ଅନେକ ଲୋକଙ୍କ ଗଡ଼ଫାଦର ମଧ୍ୟ ଥିଲେ ବୋଲି ବିଧାୟିକା ଦୀପାଳି ଦାସ କହିଥିଲେ। ନବ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ କେବଳ ଝାରସୁଗୁଡ଼ା ନୁହଁ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼ ଜିଲ୍ଲାରୁ ଅନେକ ଜନସାଧାରଣ ଯୋଗ ଦେଇଥିଲେ।

## ମାତୃହତ୍ୟା ଅଭିଯୋଗରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼, ୨୯।୧(ସମିସ): ଦେବଗଡ଼ ଜିଲ୍ଲା ଓ ଦୌରାଜଜ ଗୌତମ ଶର୍ମା ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଜରେ ମାତୃହତ୍ୟା ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୧ ମାର୍ଚ୍ଚ ୨୭ ତାରିଖରେ ରିଆମାଳ ଥାନା ତଥା କଂସର ଫାଣ୍ଡି କାଲଚିପୋଡାଡିହୀ ଗ୍ରାମର ହେମନ୍ତ ଦେହୁରୀ (୪୦) ନିକଟସ୍ଥ ଗ୍ରାମକୁ ଦୋଳଯାତ୍ରା ଦେଖିବା ଓ ମଦ୍ୟପାନ କରିବା ପାଇଁ ତା' ମା' ତୁଳସା ଦେହୁରୀ(୭୫)ଙ୍କୁ ଟଙ୍କା ମାଗିଥିଲା; ମାତ୍ର ତୁଳସା ଟଙ୍କା ଦେବାପାଇଁ ମନା କରିବାରୁ ହେମନ୍ତ ଉତକ୍ଷୀପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଘରୁ ପଳାଇଥିଲା। ସନ୍ଧ୍ୟାରେ ଫେରି ଖଟରେ ଶୋଇଥିବା ମା'ଙ୍କୁ ପୁଣିଥରେ ଟଙ୍କା ମାଗିଥିଲା। ମା' ଟଙ୍କା ନ ଦେବାରୁ ହେମନ୍ତ ବାଡି ପଛପଟୁ ଏକ ପଥର ଆଣି ମୁଣ୍ଡରେ ଛେଚି ଦେଇଥଲା। ଏହାପରେ ୧୦ କି.ମି. ଦୂର ବେଲୁଆମ ଗ୍ରାମରେ ରହୁଥିବା ତା' ବଡ ଭଉଣୀ ସଞ୍ଜୁକ୍ତା ବେହେରାଙ୍କ ଘରକୁ ଯାଇ ତାଙ୍କୁ ଏକଥା ଜଣାଇଥିଲା। ହେମନ୍ତଠାରୁ ଏହା ଶୁଣି ସଞ୍ଜୁକ୍ତା ଘଟଣାସ୍ଥଳରେ ପହଞ୍ଚି ଥିଲେ। ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ; ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ବୁର୍ଲା ଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ସଞ୍ଜୁକ୍ତା ରିଆମାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ହେମନ୍ତ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ହେମନ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ଶେଷରେ ଅଦାଲତ ୯ ଜଣ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷର ଓକିଳଙ୍କ ଜବାବ ସୁଆଲକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ହେମନ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ହେମନ୍ତ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ଓକିଲ ସିଦ୍ଧେଶ୍ୱର ଗୁରୁ ଓ ବିଞ୍ଝା ବିନମ୍ରତା ଦ୍ୱିବେଦୀ ମକଦ୍ଦମା ପରିଚାଳନା କରୁଥିଲେ।

## ଝିଅର ହତ୍ୟା ଅଭିଯୋଗ ଆଣିଲେ ବାପା

**ଝାରସୁଗୁଡ଼ା, ୨୯।୧(ସମିସ):** ବେଲପାହାଡ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ମୃତକଙ୍କ ବାପା ଅବଦୁଲ ରେହେମାନ ଅନସାରୀ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକ ହେଉଛନ୍ତି ରୁକସାନା ଖାତୁନ (୩୦)। ବାପା ଅବଦୁଲ ଝିଅର ମୃତ୍ୟୁ ସ୍ୱାଭାବିକ ନୁହଁ ତାକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେହି ଆଧାରରେ ଗତକାଲି ଥାନାରେ ସେକସନ ୪୯୮(ଏ)/୩୦୨/୩୪ ଆଇପିସିରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଜାରି ରଖିଥିବା ବେଲପାହାଡ ଥାନା ଅଧିକାରୀ କ୍ରିଷ୍ଟାଚନ୍ଦ୍ର ମେହେର ସୂଚନା ଦେଇଛନ୍ତି।

## ଡଃ ରମେଶ ପାଣିଗ୍ରାହୀଙ୍କୁ ପ୍ରଥମ 'ନବ ଦାସ ସ୍ମାରକୀ ସମ୍ମାନ'




**ଭୁବନେଶ୍ୱର, ୨୯ ।୧(ସମିସ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଜନନେତା ନବକିଶୋର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଜ୍ୟସ୍ତରୀୟ ନବ ଦାସ ସ୍ମୃତି ପରିଷଦ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ଏହି ସ୍ମୃତି ସମାରୋହରେ 'ଏମସ୍'ର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ଉଦ୍ଘାଟକ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ପ୍ରଫେସର ଡ.କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ପରିଷଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବର୍ଷକ ରୂପେ ସ୍ୱର୍ଗତ ନବଦାସଙ୍କ ଦୁଃଖଦ ବିୟୋଗ ରାଜ୍ୟ ରାଜନୀତି ବିଶେଷକରି ପଶ୍ଚିମ ଓଡ଼ିଶାର ସାଧାରଣ କ୍ଷେତ୍ରରେ ଏକ ବଡ଼ ଶୂନ୍ୟତା ସୃଷ୍ଟି କରିଛି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ନାଟ୍ୟକାର ଡଃ ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ପ୍ରଥମ 'ନବ ଦାସ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏ ବାବଦରେ ତାଙ୍କୁ ଏକ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପାୟନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ସଚେତନତା ଶିବିର

**ବ୍ରଜରାଜନଗର, ୨୯।୧(ସମିସ):** ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଲୋଇସିଙ୍ଗ ଗ୍ରାମପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋଇସିଙ୍ଗ ସରପଞ୍ଚ ସନାତନ ରୋହିଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ମିତ୍ରଭାନୁ ସାହୁ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଲୋଇସିଙ୍ଗ ଗ୍ରାମପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରାଯିବା ସହିତ ଜନସାଧାରଣଙ୍କୁ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗିତା ହୋଇ ଲୋଇସିଙ୍ଗ ଗ୍ରାମପଞ୍ଚାୟତକୁ ରାଜ୍ୟର ପ୍ରମୁଖ ସ୍ଥାନରେ ପହଞ୍ଚାଇବା ପାଇଁ ସରପଞ୍ଚ ସନାତନ ରୋହିଦାସ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହିତ ଗ୍ରାମ ପଞ୍ଚାୟତର ଅନ୍ୟାନ୍ୟ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା ସୂଚନା ଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ଅତିଥି ନିଜର ଅଭିଭାଷଣ ପ୍ରଦାନ ସହିତ



ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ କରାଯାଇ କିପରି ସମସ୍ତେ ଅଧିକରୁ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ଏ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରାଜପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଝାରସୁଗୁଡା ବ୍ଲକ ପ୍ରକଳ୍ପ ସଂଯୋଜକ ସୁଶୀକ୍ତା ମହାନ୍ତି, ସିଡିପିଓ ଝାରସୁଗୁଡା ବିଦ୍ୟୁତପ୍ରଭା ନାଗ, ଜିପିଡ଼ିଓ ଦେଓନିସ ଟେଟେ, ବିଏଲଏଫ ସଭାପତି ସ୍ୱର୍ଣ୍ଣଲତା ନାଏକ, ଲୋଇସିଙ୍ଗ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ତଥା କାର୍ଯ୍ୟକ୍ରମ ପରିଚାଳକ ଫଗୁ ମୁର୍ମୁ, ଭିଏଡବ୍ଲ୍ୟୁ ଦୀପିକା ପାଣ୍ଡେ, ଲୋଇସିଙ୍ଗ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ତଥା ଅନୁଷ୍ଠିତ କାର୍ଯ୍ୟକ୍ରମର ନୋଡାଲ ଅଫିସର ରବିନାରାୟଣ ମେହେର, ଲୋଇସିଙ୍ଗ ନାଏବ ସରପଞ୍ଚ ମାଣିକ୍ୟ ସେଠ, ହୃଦାନନ୍ଦ ବାରିକ, ରଞ୍ଜନ ପଟେଲ, ଏମବିକେ ଅର୍ଚ୍ଚନା ପଟେଲ, ସମସ୍ତ ସିଆରପି, ସମସ୍ତ ୱାର୍ଡ ସଭ୍ୟସଭ୍ୟା ପ୍ରମୁଖ ଯୋଗଦାନ କରିଥିବା ବେଳେ ରାଜେଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାବିଲଦାରଙ୍କୁ ଅଟୋ ଡ୍ରାଇଭରଙ୍କ ଆକ୍ରମଣ

**ଝାରସୁଗୁଡ଼ା, ୨୯।୧(ସମିସ):** ବମ୍ବେଛକ ରାସ୍ତାରେ ଦ୍ରୁତ ଗତି ଓ ବେପରୁଆ ଭାବରେ ଆସୁଥିବା ଏକ ଅଟୋକୁ କାର୍ଯ୍ୟରତ ହାବିଲଦାର ଅଟକାଇବାରୁ ଅଟୋ ଡ୍ରାଇଭର ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବମ୍ବେ ଛକ ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅଟୋ ଦ୍ରୁତ ଗତିରେ ବେପରୁଆ ଭାବରେ ଆସୁଥିବାରୁ ସେଠାରେ କାର୍ଯ୍ୟରତ ଜଣେ ହାଇବିଲଦାର ଅଟୋକୁ ଅଟକାଇବାରୁ ଡ୍ରାଇଭର ଜଣକ ଉକ୍ତ ହାବିଲଦାରଙ୍କୁ ଗାଳି କରିବା ସହିତ ମାଡ଼ ମାରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି



**ଦେବଗଡ଼, ୨୯।୧(ସମିସ):** ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଝାରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୋମେସ ଉପାଧ୍ୟାୟ ଯୋଗଦେଇ ମୋଟ ୮୯ଟି ଅଭିଯୋଗପତ୍ର ଗ୍ରହଣ କରିବା ସହ ତୁରନ୍ତ ଏଗୁଡିକର ସମଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୬୫ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ ଭାବେ ଷ୍ଟ୍ରିଟ୍ ଲାଇଟ, ଚେକ୍ ଡ୍ୟାମ, ଆବାସ ଗୃହ, ହାତୀ ଉପଦ୍ରବ ଓ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପଣ୍ଡା, ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧାଜାନୀ ରାଓସୋ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ ଜିଲ୍ଲାପାଳ ପରିକ୍ଷୀତ ସାହୁ, ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୟଦର୍ଶିନୀ ମିର୍ଦ୍ଧା ଓ ଡେପୁଟି କଲେକ୍ଟର ଅଞ୍ଜନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନବ ଦାସଙ୍କ ତିରୋଧାନ ଦିବସରେ ମିନି ମାରାଥନ ଓ କ୍ୟାଣ୍ଡଲ ଶୋଭାଯାତ୍ରା



**ବେଲପାହାଡ଼, ୨୯।୧(ସମିସ):** ସ୍ୱର୍ଗତ ନବ ଦାସଙ୍କ ପ୍ରଥମ ତିରୋଧାନ ଦିବସରେ ନବ ଦାସ ଫାଉଣ୍ଡେସନ ବେଲପାହାଡ଼ ଶାଖା ପକ୍ଷରୁ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲପାହାଡ଼ ଅଟଳ ଛକଠାରୁ ଏହି ମିନି ମାରାଥନ ବାହାରି ଗୁରୁଦ୍ୱାରା ସହିଦ ସ୍ତମ୍ଭଠାରେ ପହଞ୍ଚିଥିଲା। ପରେ ଗୁରୁଦ୍ୱାରା ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ମିନି ମାରାଥନକୁ ଏକ ବେଲପାହାଡ଼ ପୌର ଉପାଧ୍ୟକ୍ଷା ରୀନା ସୁନା ପତାକା ଦେଖାଇ ଉଦଘାଟନ କରିଥିଲେ। ପରେ ମିନି ମାରାଥନରେ ଯୋଗ ଦେଇଥିବା ବ୍ୟକ୍ତିଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସ୍ୱର୍ଗତ ନବ ଦାସଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି କ୍ୟାଣ୍ଡଲ ଶୋଭାଯାତ୍ରାରେ ନବ ଦାସଙ୍କ ପୁଅ ବିଶାଳ ଦାସ ଯୋଗ ଦେଇଥିଲେ। ଏଥିରେ କାଉନସିଲର, ନବ ଦାସ ଫାଉଣ୍ଡେସନର ବେଲପାହାଡ଼ ଶାଖାର ଅନେକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଲଖନପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା, ୨୯ ।୧(ସମିସ) :** ଲଖନପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୨୨ଟି ଅଭିଯୋଗ ଆଗତ ହୋଇଥିଲା। ବନ୍ଧବାହାଲ ଗଣେଶ ନଗର ମୁଖ୍ୟ ନାଳ ଅବରୋଧ, ସୁଖାଡିହି ଓ ଦେଓପାଲିରେ ଏଗ୍ରିକନଭର୍ଜନସ ସ୍କିମରେ ଛେଳି କିଣିବା ବାବଦକୁ ହିତାଧିକାରୀମାନଙ୍କୁ ପ୍ରାପ୍ୟ ପ୍ରଦାନ, କଦମଡିହି ପଞ୍ଚାୟତର ପରସିଆଁ ଗ୍ରାମସ୍ଥିତ ଖେଳ ପଡ଼ିଆ ମଝିରେ ଥିବା ବିଦ୍ୟୁତ ଖୁଣ୍ଟ ଅପସାରଣ, ବଂଜାରୀ ପଞ୍ଚାୟତର ଗ୍ରିଣ୍ଡୋଲା ଗ୍ରାମରେ ମାଙ୍କଡ଼ ଜନିତ ଗୃହ ଏବଂ ପନିପରିବା ନଷ୍ଟ ଓ ଜାମଗାଁରେ ଖରିଫ ଧାନ କଟା ହୋଇନଥିବା ଆଦି ୫ଟି ସାମୂହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ସେହିପରି ୧୭ଟି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ସହ ଜନ ଅଭିଯୋଗ ଶୁଣାଣି ଶିବିରମାନଙ୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ୍ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ବିଡିଓ ବିନୟ ପଟେଲ, ତହସିଲଦାର ସଦାକର କୁମ୍ଭାରଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ନବଙ୍କ ସ୍ମୃତିଚାରଣ




**ଦେବଗଡ଼, ୨୯।୧(ସମିସ):** ପଶ୍ଚିମ ଓଡ଼ିଶାର ଜଣାଶୁଣା ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦେବଗଡ଼ କବାଡି କମିଟି ପକ୍ଷରୁ ସ୍ଥାନୀୟ ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ କବାଡି କମିଟିର ସମ୍ପାଦକ ଉମାଶଙ୍କର ସାହୁଙ୍କ ଆବାହକତ୍ୱ ଓ ପରିଚାଳନାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସଂଜିତ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, କାଉନସିଲର ପ୍ରମିଳା ବେହେରା ଓ ସଞ୍ଜୁକ୍ତା ଆଚାର୍ଯ୍ୟ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପ୍ରାକ୍ତନ ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ନାୟକ, ବରିଷ୍ଠ ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ବରିଷ୍ଠ ଆଇନଜୀବୀ ମନୋଜ ପାଢ଼ୀ ଓ ସ୍ୱର୍ଗତ ନବ ଦାସଙ୍କ ଭାଇ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ଦ୍ୱିବେଦୀ, ଜିଲ୍ଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କର, ସୁଧିର କପରଦାର ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ କିଶୋର ନାୟକ ଓ ବିକାଶ ପ୍ରଧାନ ପ୍ରମୁକ ସହଯୋଗ କରିଥିଲେ।

# ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

## ବ୍ରଜରାଜନଗରରେ ବିଭିନ୍ନ କାର୍ଯ୍ୟକ୍ରମ

**ବ୍ରଜରାଜନଗର, ୨୯।୧(ସମିସ)**

ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାଶଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବ୍ରଜରାଜନଗରର ପୌର ପରିଷଦର ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତଙ୍କ ନେତୃତ୍ୱରେ ସ୍ଥାନୀୟ ଇଏସଆଇ ଛକ ଦୁର୍ଗା ମଣ୍ଡପଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ନବ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ମିନି ମାରାଥନରେ ହଜାରେରୁ ଉର୍ଦ୍ଧ୍ୱ ପୁରୁଷ, ମହିଳା, ଯୁବକ, ଛାତ୍ର ଛାତ୍ରୀ ଭାଗ ନେଇ ବ୍ରଜରାଜନଗର ପୁରୁଣା ବସଷ୍ଟାଣ୍ଡ ଠାରୁ ମାରାଥନ ଦୌଡ଼ ଆରମ୍ଭ କରି ଜଗନ୍ନାଥ ମନ୍ଦିର, ଚାନ୍ଦିନୀ ଛକ ଟନେଲ ରୋଡ଼, ଶିବ ମନ୍ଦିର, ବିଜୁପଟ୍ଟନାୟକ ଛକ ହୋଇ ଇଏସଆଇ ଛକ ଠାରେ ପହଞ୍ଚିଥିଲା। ଏହି ମିନି ମାରାଥନକୁ ବିର୍ସା ମୁଣ୍ଡା ୟୁଥ୍ ଆସୋସିଏସନ୍‌ର କର୍ମକର୍ତ୍ତା ସୁଜିତ ମହାନ୍ତି, ଏନ୍ ଲିଙ୍ଗରାଜ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଝାରସୁଗୁଡ଼ା ବିଧାୟିକା ତଥା ନବ ଦାସ ଫାଉଣ୍ଡେସନର ମୁଖ୍ୟ ଦୀପାଳୀ ଦାସ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇ ମାରାଥନ ଦୌଡ଼ରେ ଭାଗ ନେଇ କୃତିତ୍ୱ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ମୋମେଣ୍ଟ ଦେଇ ସମ୍ମାନିତ କରିଥିଲେ। ଯୁବ ଗୋଷ୍ଠୀ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଆକାଶ ମିର୍ଦ୍ଧାଙ୍କୁ ୭, ୧୦୦ ଟଙ୍କା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦିବ୍ୟ ମେହେରଙ୍କୁ ୫, ୧୦୦ ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସାଗର ଭୋଇଙ୍କୁ ୩, ୧୦୦ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ଭାବରେ ବିଦ୍ୟାଳୟ ସ୍ତରରେ ଶିକ୍ଷା ନିକେତନ, ବ୍ଲାକ ଡାଇମଣ୍ଡ, ବିଲିଭର୍ସ ଚର୍ଚ୍ଚ, ଓପିଏମ ବାଳକ ଉଚ୍ଚ ବିଦ୍ୟାଳୟ, ଓପିଏମ ବାଳିକା ଉଚ୍ଚବିଦ୍ୟାଳୟ,




ଲିଟିଲ୍ ଆଞ୍ଜେଲ, ବ୍ରଜରାଜନଗର କଲେଜକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବନମାଳୀ ଠେଟୁଆ, କୃଷ୍ଣ କାହାଳୀଙ୍କୁ ସମ୍ମାନିତ କରାଯାଇଥିଲା। କନିଷ୍ଠ ବାଳକ ବର୍ଗରେ ସୌରଭ ଖଡିଆ, ସୋହନ କୁମାର ମହାପାତ୍ର, ଜୟ ପ୍ରକାଶ, ବାଳିକା ବର୍ଗରେ ଆକାଂକ୍ଷା ନାଗ, ଜୟଶ୍ରୀ ସୁନା, ସ୍ନେହା ନନ୍ଦ, ଜନତ ପରି, ଦିବ୍ୟା କୁମାରୀ, ସୋନମ କୁମାରୀ, ଖୁସୁବ ଜଗଦଲା, ନିରୂପମା ଜୟପୁରିଆ, ସନ୍ଧ୍ୟା କୁମାରୀ ସିଂହ ଏବଂ ଛାତ୍ର ମାନଙ୍କ ମଧ୍ୟରେ ଉଜଳ ବଞ୍ଚୋର ଓ ଗୋବିନ୍ଦ କୁମାର ସାହା ଛାତ୍ରୀ ମାନଙ୍କ ମଧ୍ୟରେ ବନିତା ହାତୀ, କାଜଲ କୁମାରୀ, ନେହା କୁମାରୀ କଶ୍ୟପ, ସୁପ୍ରିୟା ସୁନା, ସାଲିନ ଯାଦବଙ୍କୁ ଉପଢ଼ୌକନ ଓ ମୋମେଣ୍ଟ ଦେଇ ସମ୍ମାନିତ କରାଯାଇଛି। ବ୍ରଜରାଜନଗର ସହରର ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ଭାଗ ନେଇ ସୁନାମ ଅର୍ଜନ କରିଥିବା ସୁଜିତ ମହାନ୍ତି, ସପନ ମଜୁମଦାର, ଏମ ଡି ଜମିଲ ଅହମଦ, ଯାକୁବ ଅଲ୍ଲୀ, ସିଦ୍ଧାର୍ଥ ନାଗ, ଶ୍ୟାମ ସୁନ୍ଦର ଶର୍ମା, ସଞ୍ଜୀବ ଘୋଷ, ସଞ୍ଜୀବ ସିଂହ, ପୁରନ୍ଦର ଭୋଇ, ରବିନ ଷଡ଼ଙ୍ଗୀ, ରାଜୀବ ଦତ୍ତ, ଆମନୁଆଲ ମାସୀ, ଗଦାଧର ଡାକୁଆ, ଟିଟୁ ପରିଡ଼ା, ସୂରଜ ଟପ୍ପୋ, କମ୍ପାଉଣ୍ଡର ବେହେରା, କୈଳାସ ନାୟକ, କିରଟି ମୁଖି, ଜୋହନ ନାୟକ ପ୍ରମୁଖଙ୍କୁ ବିଧାୟିକା ଦୀପାଳି ସମ୍ମାନିତ କରିଥିଲେ। ଜାତୀୟ ସ୍ତରରେ ପର୍ବତ ଆରୋହଣ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଥିବା ଅଜିତ ପାଢ଼ୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଇଏସଆଇ ଛକ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସଭାରେ ଝାରସୁଗୁଡା ବିଧାୟିକା ତଥା ନବ ଦାସଙ୍କ ଝିଅ ଦୀପାଳି ଭାଷଣ ଦେଲା ବେଳେ ବାପାଙ୍କ କଥାକୁ ମନେ ପକେଇ କାନ୍ଦି ପକେଇଥିଲେ। ବାପାଙ୍କ ମୃତ୍ୟୁ ପରେ ସେ ପ୍ରଥମ ଥର ପାଇଁ ବ୍ରଜରାଜନଗର ଆସିଥିବା କହି ବାପା ଯେମିତି ପଶ୍ଚିମ ଓଡ଼ିଶା, ଝାରସୁଗୁଡ଼ା ତଥା ବ୍ରଜରାଜନଗରର ଲୋକଙ୍କ ସହିତ ରହିବାକୁ ଚାହିଁଥିଲେ ସେହିପରି ସେ ଲୋକଙ୍କ ସହିତ ରହିବାକୁ କହିଥିଲେ। ନବ ଦାସ ଫାଉଣ୍ଡେସନ ପକ୍ଷରୁ ବ୍ରଜରାଜନଗର ଜନସାଧାରଣଙ୍କ ପାଇଁ ବିଧାୟିକା ଦୀପାଳି ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଇଏସଆଇ ଛକ ଦୁର୍ଗା ପୂଜା କମିଟିର ସଭାପତି ସତ୍ୟାନନ୍ଦ ଦାଶ, ସାଧାରଣ ସମ୍ପାଦକ ସୁବ୍ରତ ବସ୍ତିଆ, କୋଷାଧ୍ୟକ୍ଷ ତ୍ରିଲୋଚନ ଦାଶ, ସୁଧାଂଶୁ ତ୍ରିପାଠୀ, ପ୍ରମୋଦ ପଟେଲଙ୍କୁ ଦୀପାଳି ଆମ୍ବୁଲାନ୍ସ ଚାବି ହସ୍ତାନ୍ତର କରିଥିଲେ।

## ତୃତୀୟ ଦିନରେ ଲୋକାର୍ପଣ ଉତ୍ସବ

# ହୋମଯଜ୍ଞ ସହ ସାଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ

**ସମ୍ବଲପୁର,୨୯।୧(ସମିସ):** ସମ୍ବଲପୁର ଐତିହାସିକ ସମଲେଇମନ୍ଦିର ରୁପାନ୍ତରଣ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆଜି ତୃତୀୟ ଦିନ।



ଦିନ ତମାମ ହୋମ ଯଜ୍ଞ ହୋଇଥିଲା। ସମଗ୍ର ପଶ୍ଚିମ ଓଡ଼ିଶାରୁ ଆସିଥିବା ପଣ୍ଡିତମଣ୍ଡଳୀ ଚଣ୍ଡିପାଠ ହୋମ ଯଜ୍ଞ କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ଜମି ରହିଥିଲା। ରୁପାନ୍ତରଣ ପ୍ରକଳ୍ପକୁ ବୁଲି ଦେଖିଥିଲେ। ସନ୍ଧ୍ୟାରେ ମହାନଦୀ ଆଳତି ହୋଇଥିଲା। ଶ୍ରଦ୍ଧାଳୁମାନେ ଅପୁର୍ବ ଅନୁଭୂତି ପାଇଥିଲେ। ମହାନଦୀ ଆଳତି ଘାଟ ଓ ରିଭର୍ ଫ୍ରଣ୍ଟ ଦୃଶ୍ୟ ଦେଖିବାକୁ ଭିଡ ଲାଗି ରହିଥିଲା। ମନ୍ଦିର ପରିସରରେ ମଧ୍ୟ ସନ୍ଧ୍ୟା ସମୟରେ ସୁ ସଜ୍ଜିତ ଆଲୋକମାଳା ବେଶ ମନଲୋଭା କରିଥିଲା। ସନ୍ଧ୍ୟାରେ ପୁଣି ମହାନଦୀ ଆଳତି ହୋଇଥିଲା। ସମ୍ବଲପୁର ବ୍ରହ୍ମମଣ୍ଡପର ପଣ୍ଡିତମଣ୍ଡଳୀ ଆଳତି କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସହ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆଳତି ଦେଖିବା ଓ ଦର୍ଶନ କରିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ଭିଡ ରହିଥିଲା। ଭଜନ କିର୍ତ୍ତନ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହା ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ପରିକ୍ରମା ପ୍ରକଳ୍ପ ପରି ଏକ ଐତିହ୍ୟସମ୍ପନ୍ନ ପ୍ରକଳ୍ପର ଲୋକାର୍ପଣ ହୋଇଥିବାରୁ ଭିଡ ଲାଗିଥିଲା। ଜୟ ମାଁ ସମଲେଇ ଧ୍ୱନୀରେ ମୁଖରିତ ହୋଇଉଠୁଥିଲା ପରିବେଶ। ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ପ୍ରଶାସନର ଅଧିକାରିମାନେ ଉପସ୍ଥିତ ରହି ପରିଚାଳନା କରୁଥିଲେ। ଚାରିଆଡ଼େ ଘଣ୍ଟ, ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠୁଥିଲା। ପ୍ରକଳ୍ପ ଉଦଘାଟନ ଦିନ ସମସ୍ତେ ନିଜ ନିଜ ଘରେ ଦୀପ ଜାଳି, ଶଙ୍ଖ ବଜାଇ ଗ୍ରାମରେ ସଂକୀର୍ତ୍ତନ ହେଉଥିଲା। ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୨୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ।



# ଛତିଶଗଡ଼ର ଅସୀରଗଡ଼ରେ ହେବ ସୁରେନ୍ଦ୍ରସାଏଙ୍କ ପ୍ରତିମୂର୍ତ୍ତି

**ସମ୍ବଲପୁର, ୨୯।୧(ସମିସ):** ମଧ୍ୟପ୍ରଦେଶ ବୁରହାନପୁର ଜିଲ୍ଲା ଆସିରଗଡ଼ ଗଡ଼ରେ ସ୍ଥାପନା ହେବ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି ପରେ ପ୍ରତିମୂର୍ତ୍ତି ସହ ସ୍ମାରକୀ ସ୍ଥାପନା ପାଇଁ ପଦକ୍ଷେପ ନେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଚିଠି ଲେଖି ପ୍ରତିଶ୍ରୁତିଦେଇଛନ୍ତି। ଆସିରଗଡ଼ ଦୁର୍ଗରେବୀରସୁରେନ୍ଦ୍ରସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ସ୍ମାରକୀ ସ୍ଥାପନା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଆଯିବ। ଏହା ପରେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ନିଆଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଜାନୁଆରୀ ୧୮ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ପତ୍ର ଲେଖିବା ସହ ଏହି କାର୍ଯ୍ୟରେ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରିବାକୁ କହିଥିଲେ। ସୂଚନା ଯୋଗ୍ୟଯେ, ୧୮୫୭ ମସିହା ବିଦ୍ରୋହରେ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀମାନେ ଦେଶକୁ ସ୍ୱାଧୀନତା ଦେବା ପାଇଁ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଇଂରେଜ ମାନଙ୍କ ସହ ବୀରତ୍ୱର ସହ ଲଢ଼ି ବଳିଦାନ ଦେଇଥିଲେ। ବୀର ସୁରେନ୍ଦ୍ର ସାଏ ଆସିରଗଡ଼ ଦୁର୍ଗରେ ଶେଷ ଜୀବନ କାଟିଥିଲେ। ଏହାକୁ ବିଶେଷ ଧ୍ୟାନରେ ରଖି ଆସିରଗଡ଼ ଦୁର୍ଗରେ ସୁରେନ୍ଦ୍ର ସାଏଙ୍କ ବୀରତ୍ୱକୁ ପ୍ରତିଫଳିତ କରୁଥିବା ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ତାଙ୍କର ସହଯୋଗୀମାନଙ୍କ ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରିବା ପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟପଟେ ଐତିହାସିକ ଦିପକ ପଣ୍ଡା ମଧ୍ୟ ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି। ଏକ ବିବୃତିରେ ସେ କହିଛନ୍ତି ଯେ ଅସୀରଗଡ଼ର ମହତ୍ତ୍ୱ ଓ ସେଠାରେ ସମ୍ବଲପୁର ସଂଗ୍ରାମର ଆଠ ଜଣ ମୁଖ୍ୟ ସଂଗ୍ରାମୀଙ୍କୁ ବନ୍ଦୀ ଭାବରେ ରଖାଯିବା ତଥା ସେଥିମଧ୍ୟରୁ ଛଅ ଜଣଙ୍କ ଅସୀରଗଡ଼ରେ ମୃତ୍ୟୁ ଘଟିଥିବା ବାବଦରେ ସେ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର ସଂଗ୍ରାମୀଙ୍କ ଅନ୍ତିମ ବିଶ୍ରାମ ସ୍ଥଳୀରେ ସ୍ମାରକୀ ନିର୍ମାଣ ପାଇଁ ସେ ମନ୍ତ୍ରୀଙ୍କୁ ଆବେଦନ କରିଥିଲେ। ମନ୍ତ୍ରୀ ବିଷୟର ଗମ୍ଭୀରତାକୁ ହୃଦୟଙ୍ଗମ କରି ତଥା ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଧ୍ୟ ପ୍ରଦେଶ ସରକାରଙ୍କ ସଂସ୍କୃତି ବିଭାଗ ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ବାବଦରେ ଅଧିକ ବିବରଣୀ ମାଗିଛନ୍ତି। ଅଧିକାରୀ ଜଣକ କହିଛନ୍ତି ଯେ ସୁରେନ୍ଦ୍ର ସାଏ ଜାତୀୟ ବୀର ଅଟନ୍ତି। ସେ ଯେତିକି ଓଡ଼ିଶାର, ସେତିକି ମଧ୍ୟ ପ୍ରଦେଶର। ତାଙ୍କ ନେତୃତ୍ୱରେ ପରିଚାଳିତ ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ରାୟପୁର ଅଞ୍ଚଳରେ ପରିଚାଳିତ ହୋଇଥିଲା। ରାଜ୍ୟ ବିଭାଜନ ପରେ ଛତିଶଗଡ଼ ପାଲଟିଥିବା ଅଞ୍ଚଳରେ ବହୁ ଅନୁଷ୍ଠାନ ଏପରିକି କଲେଜ୍ ମଧ୍ୟ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ଅଟେ। ଅସୀରଗଡ଼, ଯାହାକି ମଧ୍ୟ ପ୍ରଦେଶରେ ଅଛି ସେଠାରେ ବୀର ସୁରେନ୍ଦ୍ର ସାଏ ଓ ସାଥୀଙ୍କ ସ୍ମୃତି ବହନ କରୁଥିବା ସ୍ଥାନ ଗୁଡ଼ିକ ରହିଛି। ପ୍ରାରମ୍ଭିକ ଭାବରେ ସେମାନଙ୍କୁ ରଖାଯାଇଥିବା ଜେଲ, ପରବର୍ତ୍ତୀ ସମୟରେ ସେମାନଙ୍କୁ ରଖାଯାଇଥିବା ସ୍ୱତନ୍ତ୍ର ଭବନ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଦେହାବସାନ ଘଟିଥିବା ଡାକ୍ତରଖାନାର ଅବଶେଷ ଅସୀରଗଡ଼ ଦୁର୍ଗରେ ଏବେ ମଧ୍ୟ ରହିଅଛି। ଶ୍ରୀ ପଣ୍ଡା ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତି ତଥା ଓଡ଼ିଶା ସାଂସ୍କୃତିକ ସମାଜକୁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଘରେ ପଶି ଲୁହା ସାମଗ୍ରୀ ଚୋରି, ୨ ଗିରଫ

**ବୁର୍ଲା, ୨୯।୧(ସମିସ):** ବୈଜାମୁଣ୍ଡାସ୍ଥିତ ଅଶ୍ୱିନୀ ମେହେରଙ୍କ ଘରେ ପଶି ଚୋରି ଅଭିଯୋଗରେ ୨ଜଣ ଗିରଫ। ଗିରଫ ଅଭିଯୁକ୍ତମାନେ ହେଲେ ମଗଶିର ଖଡିଆ (୨୮) ଓ ମୁନୁ ଖଡ଼ିଆ (୨୮)। ସୂଚନା ଅନୁସାରେ ଅଭିଯୁକ୍ତଦ୍ୱୟ ଅଶ୍ୱିନୀ ମେହେରଙ୍କ ଘର ଭିତରୁ ଗୋଟିଏ ଲୁହା ଗ୍ରିଲ୍ ଚୋରି କରି ନେଇଥିବା ଅଭିଯୋଗ



ହୋଇଥିଲା। ତେବେ ତଦନ୍ତ କରି ବୁର୍ଲା ପୁଲିସ ଚୋରି ହୋଇଥିବା ଜିନିଷକୁ ଜବତ କରିଛି। ଏହା ସହ ଆଜି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଓଏଚ୍‌ପିସି ଡିଜିଏମ୍‌ଙ୍କୁ ଆକ୍ରମଣ, ୨ ଗିରଫ

**ବୁର୍ଲା, ୨୯।୧(ସମିସ):** ଚିପିଲିମାସ୍ଥିତ ଓଏଚପିସିର ଡେପୁଟି ଜେନେରାଲ ମ୍ୟାନେଜର ଗଣେଶ ମହାପାତ୍ରଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ପରେ ବୁର୍ଲା ଥାନାରେ ଅଭିଯୋଗ ହେବା ପରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଫିରୋଜ କୁମାର ବୁଡା ଓରଫ ପିଙ୍କୁ ଓ ସୁନୀଲ ଜାଲ। ସୂଚନା ଅନୁସାରେ ଅଭିଯୋଗକାରୀ ଡିଜିଏମ ଗଣେଷ ମହାପାତ୍ରଙ୍କୁ ଅଭିଯୁକ୍ତ ଦ୍ୱୟ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ମୁଠି ମାଡ଼ରେ ଆଘାତ ଦେବା ସହ ଭୟାବହ ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ତେବେ ବୁର୍ଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଭାଷା ସମ୍ମିଳନୀ

**ସମ୍ବଲପୁର, ୨୯।୧(ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ବଡ ସିଙ୍ଘାରୀ ଠାରେ ତ୍ରିଦିବସୀୟ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅର୍କ କୁମାର ଦାସ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶ ବିଦେଶରେ ଓଡିଆ ଭାଷାର ଚାହିଦା ରହିଛି। ଆଗାମୀ ପିଢୀ ଓଡିଆ ଭାଷାକୁ ଉନ୍ନତି ଦିଗକୁ ଆଗେଇ ନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ତଥା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଯୋଗ ଦେଇ ପଶ୍ଚିମ ଓଡ଼ିଶାର ଲୋକଭାଷା, ଲୋକଉକ୍ତି ଓ ଏହି ଅଞ୍ଚଳର ଉନ୍ନତ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଡ. ସଂଗୀତା ନାଏକ ପରିଚାଳନା କରିଥିବାବେଳେ ଓଡିଆ ବିଭାଗର ଅନ୍ୟତମ ପ୍ରଧ୍ୟାପକ ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଦର୍ଶନ କଳାକୁ ପଶ୍ଚିମ ଓଡ଼ିଶାର ଅବଦାନ ଶୀର୍ଷକ ସମ୍ମାନରେ ଭିତ୍ତି ପ୍ରବନ୍ଧ ପ୍ରସ୍ତୁତ କରିଥିଲେ। ଡ. ସୁଜିତ ପୃସେଠ। ଧ୍ୱନି ବିଜ୍ଞାନ ଓ ଅନୁସ୍ୱପ ଛନ୍ଦରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ଲୋକଗୀତ ଓ ଲୋକ ନୃତ୍ୟର ବିଭିନ୍ନ ରୂପ ଉପସ୍ଥାପନ ପୂର୍ବକ ପ୍ରାଦେଶିକ ସ୍ତରରେ ସଂସ୍କୃତିକୁ କିପରି ପୁଷ୍ଟ କରିଛି ସେ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ। ଏ ଅଞ୍ଚଳର ବିଶିଷ୍ଟ କବି ଯୁଗ ଦାସଙ୍କ ଓଡିଆ ସାହିତ୍ୟ ପ୍ରତି ଅବଦାନକୁ ଲୋକଲୋଚନକୁ ଆଣିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ସନ୍ଦର୍ଭରେ ସେ ଜନ ସମାଜକୁ ସାହିତ୍ୟର ଅପପଠନରୁ ଦୂରେଇ ରହିବା ପାଇଁ ସଚେତନ କରାଇଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନେ ଏହି ପର୍ଯ୍ୟାୟରେ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏହିପରି ଭାବରେ ଆଗାମୀ ୩୦ ଓ ୩୧ ତାରିଖରେ ସମ୍ମାନ ଓ ଉଦଯାପନୀ ଉତ୍ସବର ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରିବାର ସ୍ଥିର କରାଯାଇଛି।



## ନବଦାସ ସ୍ମୃତି କମିଟି ପକ୍ଷରୁ ମିନି ମାରାଥନ



**ସମ୍ବଲପୁର, ୨୯।୧(ସମିସ):** ନବ ଦାସ ସ୍ମୃତି କମିଟି ପକ୍ଷରୁ ସମ୍ବଲପୁରରେ ମିନି ମାରାଥନ ଆଜି ଅନୁଷ୍ଠିତ ହୋଇଛି। ଅଇଁଠାପାଲି ପିଏଚଡି ପଡ଼ିଆରୁ ବାହାରି କଚେରି ଛକ ପର୍ଯ୍ୟନ୍ତ ଧାଇଁ ଥିଲେ। ଶତାଧିକ ମହିଳା, ଯୁବକ, ଯୁବତୀ ମାନେ ଦୌଡରେ ସାମିଲ ହୋଇଥିଲେ। ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ରୋହିତ ପୁଜାରୀ, ପୁର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ କିଶୋର ଦାସ, ବିଶାଳ ଦାସ, ମୀନତି ଦାସ, ସିଦ୍ଧାର୍ଥ ଦାସ, ଜିତେନ ପଣ୍ଡା, ସନ୍ଦିପ ପଟ୍ଟନାୟକ, ଦିପକ ସାମନ୍ତରାୟ, ପ୍ରତାପ ଦିୱାନ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ପୁରସ୍କାର ଅଶୋକ ଡନସେନା, ଦ୍ୱିତୀୟ ଡୋଲାମନି ଚିରଗୁନ, ତୃତୀୟ ସ୍ଥାନରେ ରଶ୍ମୀରଞ୍ଜନ ନାୟକ, ବାଳିକା ବର୍ଗରେ ନିଶା ବାରିକ, ସଞ୍ଜନ ମିଞ୍ଜ, ସାହିନା ପରବିନ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶ୍ରୀଜଗନ୍ନାଥ କଥାମୃତ ଉଦ୍‌ଯାପିତ

**ସମ୍ବଲପୁର,୨୯।୧(ସମିସ):** ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଆରଣ୍ୟକ ମଣ୍ଡପରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲ୍‌ଫେୟାର୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ



ଷଷ୍ଠ ଦିବସୀୟ ଶ୍ରୀ ଜଗନ୍ନାଥ କଥାମୃତ ଆଜି ଉଦ୍‌ଯାପିତ ହୋଇଯାଇଛି। ଡା. ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ପୁରୀର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରବାଚିକା ସରୋଜିନୀ ଦେବୀ ଶ୍ରୀ ଜଗନ୍ନାଥଙ୍କ ଲୀଳାମୃତ ଓ ତାଙ୍କୁ ଦର୍ଶନ କରିବାର ବିଧି ଉପରେ ସଙ୍ଗୀତମୟ ପ୍ରବଚନ ଦେଇଥିଲେ। ତାଙ୍କୁ ମହେଶ୍ୱର ଖୁଣ୍ଟିଆ, ବନମାଳୀ ଦାସ ଓ ସୁଦାମ ଚରଣ ସାହୁ ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଟ୍ରଷ୍ଟର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ବ୍ୟାସ ପୂଜନ ଓ ସମ୍ପାଦକ ସୁବାଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ବେଦବ୍ୟାସ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱଚେତନା ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ପ୍ରାଧାପିକା ଶ୍ରୀଲତା ମିଶ୍ର, ବିମଳ ପାଣ୍ଡିଆ, ରାମଜୀବନ ସିଂହ, ନଳିନୀ ବାବୁ ପ୍ରମୁଖ ସହଯୋଗ କରିଥିଲେ।



## ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ

**ସମ୍ବଲପୁର, ୨୯।୧(ସମିସ):** ସମ୍ବଲପୁର ମହାନଗର ନିଗମ ଦାନୀପାଲିରେ ଥିବା ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ପ୍ରଥମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଥିଲା। ମନ୍ଦିରର ପୂଜକ ବାସୁଦେବ ଭୋଇ, ଦେବୀ ପ୍ରସାଦ ଭୋଇ, ନିର୍ମଳ ଚନ୍ଦ୍ର ପ୍ରଧାନ, ସୁଦାମ ପ୍ରଧାନ ସକାଳ ୯ ଘଣ୍ଟାରୁ ଯଥା ରୀତି ଅନୁଯାୟୀ ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହା ସହିତ ମନ୍ଦିର ସଂଲଗ୍ନ ରାମଚଣ୍ଡୀ ସେବା ସଦନ ଠାରେ କୁଳତା ସମାଜ ସମ୍ବଲପୁରର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ମନ୍‌ସୀ ସାହୁଙ୍କ ଏକ ସ୍ମୃତିଚାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଜଟା ଭୂଷଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସଭାପତି ଯଶୋବନ୍ତି ନାୟକ, ଡ. କାମଦେବ ସାହୁ, ଭକ୍ତବନ୍ଧୁ ପ୍ରଧାନ, ହୃଷିକେଶ ବଡେଇ, ସୁକାନ୍ତି ଗର୍ତିଆ ପ୍ରମୁଖ ସ୍ୱର୍ଗତ ମନ୍‌ସୀ ସାହୁଙ୍କ ସ୍ମୃତିଚାରଣ ପୂର୍ବକ ମାନବଜାତି ପାଇଁ ତାଙ୍କ ସାମାଜିକ କାର୍ଯ୍ୟଚିର ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଲକ୍ଷ୍ମଣ ପ୍ରଧାନ, ହାରାଧନ ପ୍ରଧାନ, ଭାଗୀରଥି ସାହୁ, ଦୀନବନ୍ଧୁ ସାହୁ, ଇଂମଞ୍ଜନ ପ୍ରଧାନ, ରଞ୍ଜନ ପାତ୍ର, ଛେଲିଆ ପ୍ରଧାନ, ଦୟାନିଧି ବିଶ୍ୱାଳ, ମୁରଲୀ ଧର ପ୍ରଧାନ, ଅଭିରାମ ଖମାରୀ, ବାସନ୍ତୀ ପ୍ରଧାନ, ସୁପ୍ରଭା ପ୍ରଧାନ, ଭୂମିସୁତା ସାହୁ, ଉର୍ମିଳା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ହୀରାକୁଦ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ରୁକୁ ସୁନାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**ହୀରାକୁଦ,୨୯।୪(ସମିସ):** ହୀରାକୁଦ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ରୁକୁ ସୁନାଙ୍କ ଗୀତରେ ଝୁମିଲେ ଦର୍ଶକ। ପ୍ରଥମେ ଅନିଲ ପ୍ରଧାନ, ଦୀପିକା ସ୍ୱାଇଁ ସମଲେଶ୍ୱରୀଙ୍କ ସ୍ମରଣ କରି ସଙ୍ଗୀତ ପ୍ରସ୍ତୁତି କରିଥିଲେ। କାର୍ଯକ୍ରମ ଆରମ୍ଭରୁ ମଞ୍ଚ ପୂଜା କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ମହୋତ୍ସବ କମିଟି ସଭାପତି ଡାକ୍ତର ରାଜକୁମାର ବଡ଼ପଣ୍ଡା, ଉପସଭାପତି ସଚୀକାନ୍ତ ମିଶ୍ର, ବିରେନ୍ଦ୍ର ପାଣିଗ୍ରାହୀ, ଲଳିତ ପାଇକରାୟ, ସରୋଜ ଆଚାର୍ଯ୍ୟ, ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା, ସଂଗଠନ ସମ୍ପାଦକ ପ୍ରଦୀପ ପଣ୍ଡା, ବରିଷ୍ଠ ସଭ୍ୟ ଅଶୋକ ପଣ୍ଡା, ଜ୍ଞାନେନ୍ଦ୍ରିୟ ମିଶ୍ର, ଭାସ୍କର ଦାସ, ଘନଶ୍ୟାମ ବାରତିଆ, ଅନୁପ ମହନ୍ତ, ସୁଶୀଲ ବାରିକ, ସୁକାନ୍ତ ମହାରଣା, ଟୁଟୁ ହୋତା, ସୀମା ସାହୁ, ଜ୍ଞାନେନ୍ଦ୍ରିୟ ଦାସ, ସ୍ରିମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ସମଲେଇ ପ୍ରକଳ୍ପର ସମ୍ପୂର୍ଣ୍ଣ ବିଦ୍ୟୁତିକରଣ ଧାର୍ଯ୍ୟ ସମୟରେ ଶେଷ

**ବୁର୍ଲା, ୨୯।୧(ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଶ୍ୱରୀଙ୍କ ବହୁ ପ୍ରତୀକ୍ଷିତ 'ସମଲେଇ ପ୍ରକଳ୍ପ' ଗତ ୨୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ



ଦ୍ୱାରା ଲୋକାର୍ପିତ ହୋଇଛି। ଏହି ପ୍ରକଳ୍ପ ଯୋଗୁଁ ମା' ସମଲେଇଶ୍ୱରୀଙ୍କ ମନ୍ଦିର ପରିସରର ଭବ୍ୟ ରୂପାନ୍ତରିତ ହୋଇପାରିଛି। ଯେଉଁ ରୂପାନ୍ତରିକରଣରେ ମଧ୍ୟ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡ଼ିଏଲ) ଧାର୍ଯ୍ୟ ସମୟରେ କାମ ସାରିଥିଲା। ଏହି ନବ ନିର୍ମିତ ପ୍ରକଳ୍ପ ପାଇଁ ଦୀର୍ଘ ୧୦ ଦିନଧରି ଟିପିଡବ୍ଲୁଓଡିଏଲର ଅପରେସନ ଓ ସିଭିଲ୍ ବିଭାଗର ପାଖାପାଖି ୧୦୦ ଜଣ କର୍ମଚାରୀ ଅକ୍ଲାନ୍ତ ଏବଂ ନିରନ୍ତର ଭାବେ କାର୍ଯ୍ୟରତ ରହିଥିଲେ। ଯାହା ଫଳରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମଗ୍ର ପ୍ରକଳ୍ପର ଆଲୋକିରଣ ପାଇଁ ଆବଶ୍ୟକ ହେଉଥିବା ୧୭୦୦ କେ.ଭି.ଏ. ବିଦ୍ୟୁତ୍ ଶକ୍ତି କମ୍ପାନୀ ପକ୍ଷରୁ ସ୍ଥିର ଏବଂ ନିରବଚ୍ଛିନ୍ନ ଭାବେ ଯୋଗାଇ ଦିଆଯାଇ ପାରିଛି। ପ୍ରକଳ୍ପର ନିକଟବର୍ତ୍ତୀ ଅଞ୍ଚଳରେ ୧୦ଟି ସର୍କିଟ୍ ସ୍ଥାପନ କରାଯାଇଅଛି। ପ୍ରକଳ୍ପର ସୌନ୍ଦର୍ଯ୍ୟପୂର୍ଣ୍ଣ ଆଲୋକିକରଣ ଲାଗି ସମ୍ବଲପୁର ସହରରେ ପ୍ରଥମଥର ପାଇଁ ଏକ ସଂକୀର୍ଣ୍ଣ, ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଅଞ୍ଚଳରେ ଏକ କିଲୋମିଟର ଦୂରତାର ଭୂତଳ କେବୁଲ୍ ସ୍ଥାପନ କରାଯାଇଅଛି। ସେହିପରି ଏହି ପ୍ରକଳ୍ପ ଲାଗି କମ୍ପାନୀ ପକ୍ଷରୁ ଦୁଇ କୋଟି ଟଙ୍କା ମୂଲ୍ୟର ଦୁଇଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଡିଟିଆର୍‌କୁ ସ୍ଥାନାନ୍ତରଣ ଓ ୨୦ଟି ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଇଛି। ତେବେ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ରହିଥିଲା। ଉଦଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ଆରଡ଼ିସି ଡ.ସୁରେଶ ଚନ୍ଦ୍ର ଦଳାଇ ଓ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଟିପିଡବ୍ଲୁଡିଏଲ ଟିମକୁ ପ୍ରଶଂସା କରିଥିଲେ।

## ୨୪ତମ ସମ୍ବଲପୁର ପୁସ୍ତକମେଳା ଉଦ୍‌ଯାପିତ

# ଆଜିର ଶିକ୍ଷା ବ୍ୟବସ୍ଥା ବୃତ୍ତିସର୍ବସ୍ୱ ହୋଇଯାଇଛି

**ସମ୍ବଲପୁର, ୨୯।୧(ସମିସ):** ନେସନାଲ ବୁକ୍ ଟ୍ରଷ୍ଟ ଏବଂ ସେତୁ, ସମ୍ବଲପୁରର ମିଳିତ ଉଦ୍ୟମରେ ଆୟୋଜିତ ୨୪ ତମ ପୁସ୍ତକ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ସେତୁ ସଭାପତି ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦାନ କରି ନିଜର ବକ୍ତବ୍ୟରେ କହିଥିଲେ ଯେ, ଆଜିର ଶିକ୍ଷା ବ୍ୟବସ୍ଥା ବୃତ୍ତି ସର୍ବସ୍ୱ ହୋଇଯାଇଛି। ଅତ୍ୟଧିକ ଚାପ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପ୍ରବଣ କରୁଛି। ପ୍ରବେଶିକା ପରୀକ୍ଷାରେ ର୍‌ୟାଙ୍କ୍ ରଖିଥିବା ଛାତ୍ରଛାତ୍ରୀ ମଧ୍ୟ ସମୟବିଶେଷରେ ଅତ୍ୟଧିକ ଚାପ ବଶବର୍ତ୍ତୀ ହୋଇ ଫେଲ୍ ମାରୁଛନ୍ତି। ତେଣୁ ଶିକ୍ଷାର ମୂଳଲକ୍ଷ୍ୟ ଜ୍ଞାନ ଅର୍ଜନ ସହିତ ମଣିଷ ଗଠନରେ ସହାୟକ ହେବା ଆବଶ୍ୟକ। ଉଦ୍‌ଯାପନ ଉତ୍ସବରେ ପ୍ରତିବର୍ଷ ଭଳି ରଘୁନାଥ ପୂଜାରୀଙ୍କୁ ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ, ରାମବାଇ ଦାସଙ୍କୁ ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ, ଏବଂ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସେତୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସେତୁ ସଭାପତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ, ସେତୁର କାର୍ଯ୍ୟକାରୀ କମିଟିର ସଦସ୍ୟ ଡ. କାମଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେତୁର ସମ୍ପାଦକ ସୁକାନ୍ତ କର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ଲାଭ କରିଥିବା ବିଶିଷ୍ଟ ସମ୍ବଲପୁରୀ ସଂଗୀତ ଓ ନାଟକ ରଚୟିତା ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସେତୁ କାର୍ଯ୍ୟକାରୀ କମିଟିର ସଦସ୍ୟ ହରି ନାରାୟଣ ପଣ୍ଡା ପରିଚାଳନା କରିଥିଲେ ଓ ଡ. କାମଦେବ ସାହୁ, ଡ. ସ୍ୱୟଂ ପ୍ରକାଶ ପଣ୍ଡା ଓ ଡ. ବିଶ୍ୱଜିତ ପ୍ରଧାନ ମାନପତ୍ର ପାଠ କରିଥିଲେ। ପୁସ୍ତକ ମେଳା ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁତ ସାରସ୍ୱତ ସାଧକ ତଥା ସମାଲୋଚକ ବିଭିନ୍ନ ସମୟରେ ସାକ୍ଷାତକାର ଓ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଆଉ ମଧ୍ୟ ଦୈନନ୍ଦିନ ରାଜ୍ୟ ତଥା ଜାତୀୟ ସ୍ତରର କଳାକାରମାନେ ଏହି ଅବସରରେ ଯୋଗଦେଇ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସହଯୋଗରେ ଆୟୋଜିତ ଏହି ପୁସ୍ତକ ମେଳା ଉଦଯାପିତ ହୋଇଥିବା ହେତୁ ଏହି ଅବସରରେ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଚଳିତ ପୁସ୍ତକ ମେଳା ଅବସରରେ ନେସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ଅଧ୍ୟକ୍ଷ ପ୍ରଫେସର ମିଲିଣ୍ଡ ମରାଠେ ଯୋଗଦେଇ ସମସ୍ତଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ଏବଂ ଆଗାମୀ ଦିନରେ ସେତୁ, ସମ୍ବଲପୁରର ପ୍ରସ୍ତାବକ୍ରମେ ନେସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ସମ୍ବଲପୁରୀ ଭାଷାରେ ଅନୁବାଦ ପୁସ୍ତକ ପ୍ରକାଶନ ପାଇଁ ଏନ୍ ବି ଟି ଅଧ୍ୟକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ସମସ୍ତେ ସ୍ୱାଗତ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

